


## ସଂକ୍ଷେପରେ

### ବସ-ଭ୍ୟାନ ଧକ୍କା ୫ ଛାତ୍ର ଗୁରୁତର

**ମାଥିଲି, ୭।୧୦(ଡି.ଏନ.ଏ):** ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ଅଁଳାଯୋଡି ନିକଟରେ ରବିବାର ରାତିରେ ଏକ ବେସରକାରୀ ବସ ସହ ପିକଅପ୍ ଭ୍ୟାନ ଧକ୍କା ହୋଇଛି । ଏଥିରେ କିଛି ଯାତ୍ରୀ ସମେତ ମାଲକାନଗିରି ଏକଲବ୍ୟ ବିଦ୍ୟାଳୟର ୫ ଜଣ ଛାତ୍ର ଗୁରୁତର ଆହତ ହୋଇଛନ୍ତି । ମିଳିଥିବା ଖବରରୁ ଜଣାପଡିଛି ସେମିଳିଗୁଡାରୁ ମାଲକାନଗିରି ଆସୁଥିବା ମହାବାହୁ ନାମକ ଯାତ୍ରୀବାହୀ ବସଟି ମାଥିଲି ଅତିକ୍ରମ କରିବା ପରେ ଅଁଳାଯୋଡି ନିକଟରେ ଏକ ଭ୍ୟାନ ସହ ଧକ୍କା ହୋଇଥିଲା । ବସ୍‌ର ପଛ ପଛରେ ଭ୍ୟାନ ଧକ୍କା ଦେବାରୁ ପଛ କାଚ ଭାଙ୍ଗି ବସ ଭିତରେ ଥିବା ଛାତ୍ରମାନେ ଆହତ ହୋଇଥିବା ଜଣାପଡିଛି । ବସରେ ମାଲକାନଗିରି ଜିଲା ସଦରରେ ଥିବା ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ୩୦ ଜଣ ଛାତ୍ର କୋରାପୁଟରେ ହେଉଥିବା ଖେଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଇଥିଲେ । ସେଠାରୁ ଫେରୁଥିବା ସମୟରେ ଏପରି ଦୁର୍ଘଟଣା ଘଟିଛି । ଆହତମାନଙ୍କୁ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଚିକିତ୍ସା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି ।

### ଗୀତା ପଠନ ପ୍ରତିଯୋଗିତା

**ଖଇରପୁଟ,୭।୧୦(ଡି.ଏନ.ଏ.):** ଖଇରପୁଟ ବ୍ଲକ ସଦର ମହକୁମାସ୍ଥିତ ଆଶ୍ରମ ବିଦ୍ୟାଳୟରେ ରବିବାର ପୁରୀ ବାଲିଘାଇର ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ପଠନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭାଗବତ ଗୀତାର ଦ୍ୱାଦଶ ଅଧ୍ୟାୟ ପଠନ କରାଯାଇଥିଲା। ଗୋବିନ୍ଦପାଲି ଉଚ୍ଚ ମାଧମିକ ବିଦ୍ୟାଳୟର ଶିକ୍ଷକ ପ୍ରଭାତ କୁମାର ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ୪ଟି ବିଭାଗରେ ହୋଇଥିବା ଏହି ପ୍ରତିଯୋଗିତାର ପ୍ରତ୍ୟେକ ବିଭାଗରୁ ୩ଜଣ ଲେଖାଏ ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଥିଲେ। ବିପିନ ଚନ୍ଦ୍ର ପାତ୍ର, ବିଭୁଦତ୍ତ ତ୍ରିପାଠୀ, ତୁଷାର ମହାପାତ୍ର, ରଘୁନାଥ ମୁଦୁଲି, ଗୋପବନ୍ଧୁ ମିଶ୍ର, ଭୁବନାନନ୍ଦ ସାହୁ, ଶୁଭଶ୍ରୀ ମହାକୁଡ, ଗାୟତ୍ରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଇଗ୍ନୋର ଅଧିଗ୍ରହଣ ସଭା

**ମାଥିଲି, ୭।୧୦ (ଡି.ଏନ.ଏ.):** ମାଲକାନଗିରି ଜିଲା ମାଥିଲି ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ ପରିସରରେ ରବିବାର ଇଗ୍ନୋ ପକ୍ଷରୁ ଅଧିଗ୍ରହଣ ସଭା ଅନୁଷ୍ଠିତ ହୋଇଯାଇଛି । ଇଗ୍ନୋର ବ୍ଲକ ସଂଯୋଜକ ସୁବ୍ରତ କୁମାର ଭଦ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ସଭାରେ ଡିଗ୍ରୀ କଲେଜର ପୂର୍ବତନ ଅଧକ୍ଷ ରତ୍ନାକର ସାହୁ, ନବୀନ ବିଶ୍ୱାଳ, ଅଧାପିକା କାବେରୀ ପରିଡା ପ୍ରମୁଖ ମଞ୍ଚାସୀନ ଥିଲେ। ଅଧାରୁ ପାଠ ଛାଡିଥିବା ଯୁବତୀଯୁବକ ଓ ନିଯୁକ୍ତି କ୍ଷେତ୍ରରେ ରହି ମହିଳାପୁରୁଷମାନେ କିଭଳି ଭାବେ ଇଗ୍ନୋ ମାଧମରେ ଶିକ୍ଷା ପାଇପାରିବେ ସେ ନେଇ ଅତିଥିମାନେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧରେ ମାନସ କୁମାର ଦାଶ, ଅଧାପକ ରଞ୍ଜନ କୁମାର ରାଉତ, ରାଜକେତନ ସାମଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

### ଛାତ୍ରଙ୍କୁ ଗଳା କାଟି ହତ୍ୟା

**ମାଲକାନଗିରି,୭।୧୦ (ଡି.ଏନ୍.ଏ.):** ସୁକୁମା ଜିଲାର କୁକୁନାର ଥାନା ଅନ୍ତର୍ଗତ କୁନନପାଲି ଗ୍ରାମର ଜଣେ ଛାତ୍ରଙ୍କୁ ଶନିବାର ମାଓବାଦୀମାନେ ଅପହରଣ କରିନେଇ ରବିବାର ତାଙ୍କ ଗଳାକାଟି ହତ୍ୟା କରିଛନ୍ତି। କୁନନପାଲି ଗ୍ରାମର ଛାତ୍ର କୁଞ୍ଜାମି ଶଙ୍କର ଜିବିକା ନର୍ବାହ ମହାବିଦ୍ୟାଳୟରେ ଅଧୟନ କରୁଥିଲେ । ଶନିବାର ରାତିରେ ତାଙ୍କୁ ଅପହରଣ କରି ନେଇ ମାଓବାଦୀମାନେ ରବିବାର ସନ୍ଧ୍ୟାରେ ତାଙ୍କ ଗଳା କାଟି ହତ୍ୟା କରି ଗ୍ରାମ ନିକଟରେ ଛାଡି ଚାଲି ଯାଇଥିବା ସୁକୁମା ଏସ୍‌ପି ଅଭିଶେକ ମୀନା କହିଛନ୍ତି।

# ବାହ୍ୟଜଗତରୁ ବିଚ୍ଛିନ୍ନ ବେଙ୍ଗପାଣି ଗାଁ


ବେଙ୍ଗପାଣି ଗାଁକୁ ଯାଇଥିବା ରାସ୍ତା ।


ଗ୍ରାମବାସୀ ଚୁଆରୁ ପାଣି ସଂଗ୍ରହ କରି ନେଉଛନ୍ତି ।

**ବସନ୍ତ ସଗରିଆ**
**ମାଥିଲି, ୭।୧୦ (ଡି.ଏନ.ଏ)**

ମାଲକାନଗିରି ଜିଲା ମାଥିଲି ବ୍ଲକର ଅବହେଳିତ ଗାଁ ହେଉଛି ବେଙ୍ଗପାଣି। ବ୍ଲକର ଧୁଙ୍ଗିଆପୁଟ ପଞ୍ଚାୟତ ଅଧୀନରେ ଥିବା ଏହି ଗାଁ ସ୍ୱାଧୀନତା ପରଠାରୁ ଏପର୍ଯ୍ୟନ୍ତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇରହିଛି । ପିଇବା ପାଣି ପାଇଁ ନଳକୂପଟିଏ ନାହିଁ । ଖୋଳିଥିବା ଚୁଆ ପାଣି ହିଁ ଲୋକଙ୍କ ଭରସା । ଏହି ପାଣି ପିଇ ବିଭିନ୍ନ ରୋଗରେ ପୀଡିତ ହେଉଛନ୍ତି ଲୋକେ। ବ୍ଲକ ସଦର ମହକୁମାଠାରୁ ୨୦ କିମି ଦୂରରେ ରହିଛି ବେଙ୍ଗପାଣିଗୁଡା ଗାଁ । ଆବୁଡା ଖାବୁଡା ଶୋଚନୀୟ ରାସ୍ତା ଦେଇ ସପ୍ତଧାରା ନଦୀର ୫ଟି ଛୋଟିଆ ନାଳ ଅତିକ୍ରମ କଲେ ପାହାଡ ଉପରେ ପଡେ ବେଙ୍ଗପାଣିଗୁଡା । ଗାଁରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି । ଶୋଚନୀୟ ପଥୁରିଆ ରାସ୍ତା ଓ ପାନୀୟ ଜଳ ଅଭାବ ବେଙ୍ଗପାଣି ଗ୍ରାମର ମୁଖ୍ୟ ସମସ୍ୟା । ପଥୁରିଆ ରାସ୍ତାରେ ଦୟନୀୟ ଅବସ୍ଥାରେ ଯାତାୟାତ କରିବାକୁ ପଡିଥାଏ। ପଞ୍ଚାୟତ ସଦରକୁ ସଂଯୋଗ କରିବା ପାଇଁ ସପ୍ତଧାରା ନଦୀରେ ରହିଥିବା ୫ ନାଳ ବାଧକ ସାଜିଛି । ବର୍ଷା ଦିନେ ଗାଁରୁ ବ୍ଲକ ସଦରକୁ ଆସିବା ସ୍ୱପ୍ନ ହୋଇପଡେ। ଗ୍ରୀଷ୍ମରେ ମଧ ଉପୁଜୁଥିବା ସମସ୍ୟା ନ କହିବା ଭଲ । ବିଭିନ୍ନ ସମୟରେ ଗାଁରେ ଚୁଆପାଣି ପିଇ ଲୋକେ ସଂକ୍ରମଣ ରୋଗରେ ପୀଡିତ ହୁଅନ୍ତି । ଖରାଦିନେ ନାଳ ଶୁଖିଯାଉଥିବାରୁ ଅନ୍ୟ ବିକଳ୍ପ ନ ପାଇ ଗାଁର ଚାଷଜମିରେ ଗ୍ରାମବାସୀ ମିଳିତ ଭାବେ ଚୁଆ ଖୋଳିଥିଲେ । ସେଠାରୁ ଏବେ ପାଣି ସଂଗ୍ରହ କରି ପିଉଛନ୍ତି । ରୋଗରେ ପଡିଲେ ସାଧାରଣ ରୋଗ ଭାବି ଗ୍ରାମବାସୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଆନ୍ତି ନାହିଁ । ଜରୁରିକାଳୀନ ସମୟରେ ଗାଁରୁ ରୋଗୀଙ୍କୁ ଖଟିଆରେ ବୋହି ୮ କିମି ଦୂର ଧୁଙ୍ଗିଆପୁଟ ପଞ୍ଚାୟତ ସଦରକୁ ଆଣିଲେ ସେଠାରୁ ଗାଡିମୋଟର ଯୋଗେ ଡାକ୍ତରଖାନା ନିଆଯାଏ।

## ଯୋଜନା ଏଠି ସାତସପନ

- ଆବୁଡା ଖାବୁଡା ଦୟନୀୟ ରାସ୍ତା
- ଚୁଆ ପାଣିକୁ ଭରସା କରନ୍ତି ଗ୍ରାମବାସୀ
- ଦେହ ଖରାପରେ ଖଟିଆରେ ବୁହା ହୁଅନ୍ତି ରୋଗୀ
- ପଞ୍ଚାୟତରୁ ୮ କିମି ଦୂର ପାହାଡ ଉପରେ ଗାଁ
- ଗାଁକୁ ଯିବାକୁ ପଡେ ସପ୍ତଧାରାର ୫ଟି ନାଳ
- ବର୍ଷାଦିନେ ପଞ୍ଚାୟତକୁ ଯୋଡିହେବା ସ୍ୱପ୍ନ

## ଗ୍ରାମବାସୀ ଯାହା କୁହନ୍ତି...


"ଯାତାୟାତ ପାଇଁ ରାସ୍ତା ହୋଇନାହିଁ । ନଳକୂପ ନାହିଁ । ଚୁଆ ପାଣି ସଂଗ୍ରହ କରି ପିଉଛୁ । ବର୍ଷ ବର୍ଷ ଧରି ଅସୁବିଧା ଭୋଗୁଛୁ । ସ୍ୱାଧୀନତା ପରଠାରୁ ଏପର୍ଯ୍ୟନ୍ତ ଆମେ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇରହିଛୁ । ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବା ଉଚିତ ।
– ଚଞ୍ଚଳା ପାଙ୍ଗି


"ଆବୁଡା ଖାବୁଡା ରାସ୍ତାରେ ଯାତାୟାତ କରିବା ସମ୍ଭବ ହେଉନାହିଁ । ଦୀର୍ଘବର୍ଷ ହେବ ଗାଁର ବିଭିନ୍ନ ସମସ୍ୟା ନେଇ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ସବୁଠି ଗୁହାରି କରିଛୁ । କୌଣସି ପଦକ୍ଷେପ ନିଆଯାଇନାହିଁ । ସବୁ ଜନପ୍ରତିନିଧି ଭୋଟ ବେଳେ ଆସି ସମସ୍ୟା ସମାଧାନ କରିଦେବୁ କହି ପ୍ରଲୋଭନ ଦେଖାଇଥାନ୍ତି । ଜିତିବା ପରେ ଆଉ ଗୁରୁତ୍ୱ ଦେଉନାହାନ୍ତି ।
–ରାଜେନ୍ଦ୍ର ନାୟକ


"ଚୁଆପାଣି ପିଇ ଗ୍ରାମବାସୀ ବିଭିନ୍ନ ସଂକ୍ରମଣ ରୋଗରେ ପୀଡିତ ହେଉଛନ୍ତି । ଏପରି ଅନେକ ଲୋକ ବର୍ଷା ସମୟରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ ମଧ କରିଛନ୍ତି । ସପ୍ତଧାରା ନଦୀର ନାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇବାରେ ସମସ୍ୟା ସୃଷ୍ଟି କରୁଛି । ଏଥିଯୋଗୁ ଅଧିକାଂଶ ଲୋକଙ୍କ ମୃତ୍ୟୁ ଘଟୁଛି ।
– ଡମ୍ବରୁ ଖରା


"ବାରମ୍ବାର ସମସ୍ୟା ନେଇ ପ୍ରଶାସନ ପାଖରେ ଗୁହାରି କରିଛୁ । କେହି ଶୁଣୁନାହାନ୍ତି । ଖୁବଶୀଘ୍ର ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନ ହେଲେ ଆସନ୍ତା ନିର୍ବାଚନରେ ଭୋଟ ଦେବାକୁ ଗ୍ରାମର କୌଣସି ଲୋକ ଯିବୁନାହୁଁ ।
–ବର୍ଷୁ ଖରା


"ବେଙ୍ଗପାଣି ଗାଁର ସମସ୍ୟା ଉପରେ ଅବଗତ ରହିଛୁ । ଏ ସମ୍ପର୍କରେ ଜିଲାପାଳଙ୍କୁ ମଧ ଦୃଷ୍ଟି ଆକର୍ଷଣ କରାଯାଇଛି। ବର୍ତ୍ତମାନ ଆରଡି ବିଭାଗ ତରଫରୁ ଉକ୍ତ ଗାଁକୁ ସଂଯୋଗ କରିବା ପାଇଁ ରାସ୍ତା ତିଆରି ଚାଲିଛି । ଅନ୍ୟପକ୍ଷରେ କଲଭର୍ଟ କରିବାକୁ ମଧ ପଦକ୍ଷେପ ନିଆଯାଇଛି । ଗାଁରେ ଉପୁଜିଥିବା ପାନୀୟ ଜଳ ସମସ୍ୟାର ବ୍ୟବସ୍ଥା କରାଯିବ ।
– ଆଶିଷ କୁମାର ଭୋଇ, ବିଡିଓ ମାଥିଲ

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୫ ଶ୍ରମିକ ଗୁରୁତର

## ଘଟଣା ପରେ ଫେରାର ହୋଇଯାଇଛନ୍ତି ଠିକାଦାର


ଡାକ୍ତରଖାନାରେ ଆହତଙ୍କୁ ଚିକିତ୍ସା କରାଯାଉଛି।

**ମାଲକାନଗିରି,୭।୧୦ (ଡି.ଏନ.ଏ.)**

ମାଲକାନଗିରି ଜିଲାରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ବିଦ୍ୟୁତ୍ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନେ କାର୍ଯ୍ୟରତ ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୫ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣା ପରେ ଠିକାଦାର ଜଣକ ଘଟଣା ସ୍ଥଳରୁ ଫେରାର୍ ହୋଇଯାଇଥିବା ଶ୍ରମିକମାନେ ପ୍ରକାଶ କରିଛନ୍ତି। ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ କାମ୍‌ୱାଡା ନିକଟ ଫଣିଗୁଡା ଗ୍ରାମରେ ସୌଭାଗ୍ୟ ଯୋଜନାରେ ଜଣେ ଠିକାଦାର ଶ୍ରମିକମାନଙ୍କୁ ନେଇ ବିଦ୍ୟୁତ୍ ସଂଯୋଗ ଲାଗି ଖୁଣ୍ଟ ପୋତୁଥିଲେ । ସେହି ସମୟରେ ଉପରେ ଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୬ ଜଣ ଶ୍ରମିକଙ୍କ ମଧ୍ୟରୁ ୫ ଜଣ ଗୁରୁତର ଆହତ ହୋଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ସମସ୍ତଙ୍କୁ ମାଲକାନଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଆହତ ଶ୍ରମିକମାନେ ହେଲେ ଗଙ୍ଗା ସୋଢି (୩୭), ରାମା ମାଢି (୧୮), ସୋମା ପଡିଆମି (୨୨), ଅନ ମାଡକାମି (୩୩), ଆଡମା ମାଡକାମି (୨୨) । ଶ୍ରମିକ ମାନେ ଠିକାଦରକୁ ଚିହ୍ନିଥିଲେ ମଧ ତାଙ୍କ ନାମ କହି ପାରୁନାହାନ୍ତି । ଘଟଣା ପରେ ଠିକାଦାର ଫେରାର୍ ହୋଇଯାଇଛନ୍ତି । ଏ ସମ୍ପର୍କରେ ଖବର ପାଇ ସାଉଥ୍‌କୋ ନିର୍ବାହୀଯନ୍ତ୍ରୀ ଭଗବାନ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ ଯେ, ସେ ଖବର ପାଇ ଡାକ୍ତରଖାନା ଯାଇଥିଲେ। ସମସ୍ତ ଶ୍ରମିକ ସୁସ୍ଥ ଅଛନ୍ତି। ତେବେ ଶ୍ରମିକମାନେ ସମ୍ପୃକ୍ତ ଠିକାଦାରଙ୍କ ନାମ କହୁନାହାନ୍ତି। ତଥାପି ଏନେଇ ତଥ୍ୟ ସଂଗ୍ରହ କରାଯିବ। ତାଙ୍କ ବିଭାଗ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ କିଛି କାର୍ଯ୍ୟ ହେଉନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ।

# ୧୬ ମାଓବାଦୀ ଗିରଫ

**ମାଲକାନଗିରି,୭।୧୦ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ପୋଲିସକୁ ରବିବାର ମାଓବାଦୀଙ୍କୁ ଗିରଫ କରିବାରେ ସଫଳତା ମିଳିଛି। ସୁକୁମା ଜିଲା ଚିନ୍ତାଗମ୍ଫା ଅଞ୍ଚଳରୁ ୨ ମହିଳା ମାଓବାଦୀଙ୍କ ସମେତ ୧୬ ମାଓବାଦୀଙ୍କୁ ସୁକୁମା ପୋଲିସ ଗିରଫ କରିଛି। ଡିଆଇଜି ଓ ଏସ୍‌ଟିଏଫ ପୋଲିସ ରବିବାର ମିନପା ଗ୍ରାମ ଅଭିମୁଖେ କୋମ୍ବିଂ ଅପରେଶନକୁ ଯାଉଥିବା ସମୟରେ ମିନପା ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଏହି ମାଓବାଦୀମାନଙ୍କୁ ଗିରଫ କରିଥିଲା। ଗିରଫ ମାଓବାଦୀମାନେ ହେଲେ ମାଡବି ସିଙ୍ଗା (୩୮) ବଞ୍ଜାମ ହୁଙ୍ଗା(୧୯) ମାଡବି ଇଡମା (୩୨) ଦୁଧି ହୁଙ୍ଗା ((୨୨) ମାଡବି ଆଇତା ((୩୫) ମାଡବି ପୋଜା (୨୧) ମାଡକାମ କେସା (୩୬) ମିଡିୟମ୍ ଲଖମେ (୨୨) ମାଡମି ଦେବେ (୨୩) ସୋଡି ଗଙ୍ଗା (୩୪) ମାଡମି ଭିମା (୩୭) ବଞ୍ଜାମ ନନ୍ଦା (୩୦) ମୁଚାକି ମୁକ୍କା (୪୦) ମାଡବି ଭିମା (୨୨) ମୁଚାକି ଇରିଶ (୨୦) ଓ ମୁଚାକି ଆଇତା (୩୭)। ଏମାନଙ୍କ ନିକଟରୁ ବୋମା, ଔଷଧ, ମାଓବାଦୀ ସାମଗ୍ରୀ, ବ୍ୟାଗ ଆଦି ଜବତ ହୋଇଛି। ଏମାନେ ବିଭିନ୍ନ ହିଂସାରେ ଜଡିତ ଥିବା ସୁକମା ଏସ୍‌ପି ଅଭିସେକ ମୀନା କହିଛନ୍ତି। ୨୦୧୭ରେ ଚିନ୍ତାଗୁମ୍ଫାଠାରୁ ୪ କିମି ଦୂରରେ ଥିବା ଏକ ପୋଲ ନିକଟରେ ପୋଲିସ ଉପରେ ଗୁଳି ଚାଳନା ଯୋଗୁ ୨୫ ଜଣ ସିଆରପିଏଫ୍ ଯବାନଙ୍କ ଶହୀଦ ଓ ୭ ଜଣ ଆହତ ହୋଇଥିଲେ। ଗତ ଜୁଲାଇରେ ମିନପା ନିକଟରେ ପୋଲିସକୁ ଲକ୍ଷ୍ୟ କରି ବିସ୍ଫୋରଣ ଓ ଗୁଳି ଚାଳନା ସହ ଅନ୍ୟାନ୍ୟ ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ପକ୍ଷରୁ କୁହାଯାଇଛି।


ଜବତ ମାଓବାଦୀ ସାମଗ୍ରୀ।

## ■ ଚିତ୍ରକୋଣ୍ଡା ବିଚ୍ଛିନ୍ନାଞ୍ଚଳର ଯନ୍ତ୍ରୀ ଗାଁ

# ୬୪ ପରିବାର ପାଇଁ ଗୋଟିଏ ନଳକୂଅ

**ଚିତ୍ରକୋଣ୍ଡା,୭।୧**

ଉପାନ୍ତ ଚିତ୍ରକୋଣ୍ଡା ବିଚ୍ଛିନ୍ନାଞ୍ଚଳ ଯନ୍ତ୍ରୀ ପଞ୍ଚାୟତର ୧୪ଟି ଗ୍ରାମ ଏବେ ବି ଅବହେଳିତ ହୋଇ ରହିଛି। ୬୪ ପରିବାରକୁ ନେଇ ଗଢି ଉଠିଥିବା ଏହି ଗ୍ରାମରେ ଡିଡୋଇ ସମ୍ପ୍ରଦାୟର ଲୋକେ ବସବାସ କରନ୍ତି। ଅସୁବିଧାରେ ଚଳୁଥିବା ଏହି ଗ୍ରାମବାସୀ ପାନୀୟ ଜଳ ପାଇଁ ନାହିଁ ନ ଥିବା ହଇରାଣ ହୁଅନ୍ତି। ପାନୀୟ ଜଳ ପାଇଁ ଗ୍ରାମରେ ୪ଟି ନଳକୂଅ ଥିଲେ ମଧ ୩ଟି ଅଚଳ ହୋଇ ପଡିଛି। ଗୋଟିଏ ନଳକୂଅ ଉପରେ ସମ୍ପୂର୍ଣ୍ଣ ଗ୍ରାମ ନିର୍ଭର କରେ। ପଞ୍ଚାୟତରେ ନଳକୂଅ ମରାମତି କରିବା ପାଇଁ ଥିବା ବ୍ୟକ୍ତି ମାସିକ ପାରିଶ୍ରମିକ ପାଇ ନ ଥିବାରୁ ସେ ଆସି ନଳକୂଅ ମରାମତି କରୁନାହାନ୍ତି। ସଏଲ କଞ୍ଜରଭେସନ ମାଧମରେ ପାଣିକୁ ଗଚ୍ଛିତ କରି ପାଇପ ଜରିଆରେ ଗ୍ରାମକୁ ପାଣି ଆସେ। ଏହି ପାଇପ୍ ୩ଟି ସ୍ଥାନରେ ଫାଟିଯାଇଥିବାରୁ ପାଇପରେ ଗୋଳିଆ ପାଣି ଆସିଥାଏ। ଯନ୍ତ୍ରିଠାରେ ଥିବା ପ୍ରାଥମିକ ବିଦ୍ୟାଳୟ କଥା ନ କହିବା ଭଲ। ୪ ମାସ ହେଲା ବିଦ୍ୟାଳୟର ଆଜବେଷ୍ଟ ସବୁ ଭାଙ୍ଗି ବିଦ୍ୟାଳୟ ଭିତରେ ଗଦେଇ ପଡି ରହିଛି। ଅସ୍ଥାୟୀ ସ୍ଥାନରେ ୩୯ ଜଣ ପିଲାଙ୍କୁ ୨ ଜଣ ଶିକ୍ଷକ ପଢାଉଛନ୍ତି। ଗ୍ରାମବାସୀ ଏ ଯାବତ୍ ପିଡ଼ିଏସ ଚାଉଳ ବ୍ୟତୀତ ଅନ୍ୟ କିଛି ସରକାରୀ ସୁବିଧା ସୁଯୋଗ ପାଇନାହାନ୍ତି। ଭୋଟ କାର୍ଡ ସେମାନଙ୍କ ପାଖରେ ନାହିଁ । ପାହାଡ ପର୍ବତ ଘେରା ଜଙ୍ଗଲ ଭିତରେ ମାଓବାଦୀଙ୍କ ଭୟରେ ସେମାନେ ଚିତ୍ରକୋଣ୍ଡା ସଦରକୁ ଭୟରେ ଆସନ୍ତି ନାହିଁ। ଗ୍ରାମରେ ଗୋଟିଏ ମାତ୍ର ଦୋକାନ ରହିଛି। ସେଇଠୁ ଯାହା ମିଳେ ନେଇ ଚଳନ୍ତି ଗ୍ରାମବାସୀ। ଜିଲା ପ୍ରଶାସନ ଗ୍ରାମ ସମସ୍ୟା ଦୂର କରିବାକୁ ଦାବି କରିଛନ୍ତି ଗ୍ରାମବାସୀ।

- ପିଡିଏସ ଚାଉଳ ବ୍ୟତୀତ ପାଉନାହାନ୍ତି ଆଉ କିଛି ସରକାରୀ ସୁବିଧା
- ବିଦ୍ୟାଳୟ ଗୃହ ଭାଙ୍ଗିଛି, ପିଲାଏ ପଢୁଛନ୍ତି ଅସ୍ଥାୟୀ ସ୍ଥାନରେ


ଯନ୍ତ୍ରୀ ଗାଁର ଗ୍ରାମବାସୀ।



ମୁଁ ଧୀରେ ଧୀରେ ଚାଲେ, କିନ୍ତୁ ମୋର ଗତି କେବେହେଲେ ପଛ ଆଡ଼କୁ ନୁହେଁ।
- ଆବ୍ରାହମ ଲିଙ୍କନ



## ସଂକ୍ଷେପରେ

### ଘରୋଇ ଅଶାନ୍ତିରୁ ଯୁବକଙ୍କ ଆତ୍ମହତ୍ୟା

ଫାମ୍ପୁଣି/ଜୟପୁର,୭।୧୦(ଡି.ଏନ୍.ଏ.): ଜୟପୁର ସଦରଥାନା ଫାମ୍ପୁଣିରେ ପାରିବାରିକ ଅଶାନ୍ତିକୁ ନେଇ ଜଣେ ଯୁବକ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ଶିବ ପ୍ରଧାନ (୨୭)। ପରିବାର ମଧରେ କିଛିଦିନ ହେବ ଅଶାନ୍ତି ଦେଖାଦେଇଥିଲା । ପିତା ସାମାନ୍ୟ ମସ୍ତିଷ୍କ ବିକୃତ ଯୋଗୁଁ ଶିବଙ୍କୁ ଗାଳିଗୁଲଜ କରିଥିଲେ। ଏହି କାରଣରୁ ଘରେ କେହି ନଥିବା ବେଳେ ବେକରେ ଦଉଡ଼ି ଦେଇ ଶିବ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ଘରେ ପହଞ୍ଚି ଏହା ଦେଖିବା ପରେ ପାଟି କରିବାରୁ ଗ୍ରାମବାସୀ ଜମା ହୋଇଥିଲେ । ଖବରପାଇ ଘଟଣାସ୍ଥଳରେ ସଦରଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲା ଚିକିତ୍ସାଳୟକୁ ପଠାଇଥିଲା। ପରେ ପରିବାର ଲୋକଙ୍କ ମୃତଦେହ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ କୈଳାସ ଚନ୍ଦ୍ର ସେଠୀ କହିଛନ୍ତି। ପ୍ରକାଶ ଯେ, ପୂର୍ବରୁ କୁନ୍ଦୁରା ଥାନାରେ ଏକ ଡକାୟତି ମାମଲା ଏବଂ ଜୟପୁର ଟାଉନଥାନାରେ ୨୦୧୭ରେ ଇରିଗେସନ କଲୋନୀରେ ଜଣେ ମହିଳାଙ୍କୁ ହତ୍ୟାକରି ସୁନା ଅଳଙ୍କାର ଲୁଟ୍ ପରେ ବିକ୍ରି ଘଟଣାରେ ସହାୟତା କରିଥିବା ଅଭିଯୋଗରେ ଶିବ ଗିରଫ ହୋଇଥିଲେ।

### ସାଧାରଣ ବୈଠକ ଭାଜପାରେ ମିଶିଲେ ୩୦୦ କର୍ମୀ

ବୈପାରୀଗୁଡ଼ା,୭।୧୦(ଡି.ଏନ୍.ଏ.): ବୈପାରୀଗୁଡା ବ୍ଲକ ବାଲିଗାଁ ଛକଠାରେ ରବିବାର ବ୍ଲକ ଭାଜପା ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ଏଥିରେ ମାଠପଡା ପଞ୍ଚାୟତ ସଭାପତି ହରିହର ଚାଲାଣ ଅଧକ୍ଷତା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସଦା ବାଗଦେରିଆ, ଏ. ତ୍ରିନାଥ ରାଓ, ଉପସଭାପତି ଚନ୍ଦ୍ରଶେଖର ରଥ, ନରେନ୍ଦ୍ର କାନ୍ଦଲିଆ, କୋରାପୁଟ ନଗର ସଭାପତି ସଞ୍ଜିବ କୁମାର, ମନୋଜ ନାୟକ, ବ୍ଲକ ସଭାପତି ଏନ୍. ହରିପ୍ରସାଦ, ନଟ ପଟ୍ଟନାୟକ, ଉମେଶ ପଟ୍ଟନାୟକ, ଭାଗି ଗୌଡ଼ ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ ବୈଠକରେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତି ହୋଇଥିଲା । ଏହି ଅବସରରେ ବିଭିନ୍ନ ଦଳ ଛାଡି ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ କର୍ମୀ ନୂତନ ଭାବେ ଭାଜପାରେ ଯୋଗ ଦେଇଥିଲେ ।

### ଦ୍ୱିତୀୟ ପର୍ଯ୍ୟାୟ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ

ଦାମନଯୋଡ଼ି,୭।୧୦(ଡି.ଏନ୍.ଏ): ଦାମନଯୋଡ଼ି ଅଞ୍ଚଳରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଛି। ସୁପରଭାଇଜର ତ୍ରିଶଙ୍କ ସୁବୁଦ୍ଧିଙ୍କ ନେତୃତ୍ୱରେ ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀର ୨୨ଟି ବୁଥ୍‌ରେ ଭୋଟରମାନେ ନାମ ସଂଯୋଗ,ବାଦ୍ ଓ ସଂଶୋଧନ କରାଇଥିଲେ। ଅଁଳାବାଡ଼ି କଲୋନୀର ୫୫, ୫୭ ଓ ୫୮ ନମ୍ବର ବୁଥ୍‌ସ୍ତରରେ ସଂଶୋଧନ କାର୍ଯ୍ୟକ୍ରମରେ ବୁଥ୍‌ସ୍ତରୀୟ ଅଧିକାରୀ ମଞ୍ଜୁଳା ପୃଷ୍ଟି, ଧନିଆ ଖରା ଓ କନ୍ହେୟା ପଣ୍ଡେଇ ପ୍ରମୁଖ ପରିଚାଳନା କରିଥିଲେ। ୨ଟି ପର୍ଯ୍ୟାୟରେ ଦାମନଯୋଡ଼ିରେ ୨୪୫ ଜଣ ଭୋଟର ଯୋଗ, ୧୪୫ ଜଣ ବାଦ୍ ଓ ୧୧୫ ଜଣ ଭୋଟର ନାମ ସଂଶୋଧନ କରାଇଥିବା ସୁପରଭାଇଜର ସୁବୁଦ୍ଧି କହିଛନ୍ତି।

■ ରଜାନହର ଗୁଳିକାଣ୍ଡ ଘଟଣା

# ୩ ସମ୍ପର୍କୀୟଙ୍କୁ ଗିରଫ କଲା ପୋଲିସ

ଜୟପୁର,୭।୧୦(ନି.ପ୍ର./ଡି.ଏନ୍.ଏ.)

ଜୟପୁର ରଥପଡ଼ିଆ ଗୁଳିକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତ ବିକାଶ ପାତ୍ରଙ୍କ ପରିବାରର ତିନି ଜଣଙ୍କୁ ରବିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିକାଶଙ୍କ ଦାଦା ଜୟପୁର ଗୋଡ଼ିଆ ଧୋବାସାହିର ରମେଶ ଚନ୍ଦ୍ର ପାତ୍ର (୩୯), ଛତିଶଗଡ଼ର ବସ୍ତର ଜିଲା ଭାନପୁରି ଥାନା ଗୋଫିନି ଗ୍ରାମର ପିଉସା ରାମେଶ୍ୱର ପାଣ୍ଡେ (୪୦) ଏବଂ ଗ୍ରାମର ସମ୍ପର୍କୀୟ ଖୋଲେଶ୍ୱର ପାଣ୍ଡେ (୨୫)। ଦଫା ୧୪୩, ୩୪୧, ୩୨୫, ୩୦୭, ୧୨୦ (ଖ), ୧୪୯ ଆଇପିସି ଦଫା ଅନୁଯାୟୀ ଅସ୍ତ୍ରଶସ୍ତ୍ର ନିରୋଧ ଆଇନ ୨୫, ୨୭ ରେ ଏକ ମାମଲା (ନଂ ୨୭୫/୧୮) ରୁଜୁ କରାଯାଇ ଉପରୋକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି।

ପ୍ରକାଶ ଯେ, ଜୟପୁର ସହରର ରଜାନହର ଛକରେ ଗତ ୨୫ ତାରିଖ ସ୍ପଷ୍ଟ ଦିବାଲୋକରେ ସନ୍ତୋଷ ନାୟକଙ୍କୁ ବିଜେଡି ଯୁବ ସଭାପତି ବିକାଶ ପାତ୍ର ଗୁଳିକରି ହତ୍ୟା ଉଦ୍ୟମ କରିଥିଲେ। ସନ୍ତୋଷ ଓ ବିକାଶଙ୍କ ପରିବାର ଭିତରେ ଦୀର୍ଘ ଦିନ ହେବ ଗଣ୍ଡଗୋଳ ଲାଗି ରହିଥିଲା । ଗତ ଦିନରେ ଏନେଇ ଟାଉନ ଥାନାରେ ମାମଲା ମଧ ରହିଛି। ବିକାଶଙ୍କ ନିର୍ଦ୍ଦେଶରେ ସୁରିଙ୍କ ଘରେ ବେଆଇନ ମଦ ବିକ୍ରି ଚାଲିଥିଲା। ଏକଥା ସନ୍ତୋଷ ପୋଲିସକୁ ଖବର ଦେଇ ଚଢ଼ାଉ କରାଉଥିଲେ। ଏହି ସନ୍ଦେହରେ ତାଙ୍କୁ ରାସ୍ତାରୁ ହଟାଇବା ଯୋଜନା ହୋଇଥିଲା। ସୁରିଙ୍କ ଘରେ ବିକାଶ, ରମେଶ, ମୁନା ନାୟକ, ପୁଲକ ମାଝି, ପୂର୍ଣ୍ଣଚନ୍ଦ୍ର ନାୟକ ଓ କେତେଜଣ ଏକାଠି ହୋଇଥିଲେ। ଯୋଜନା ମୁତାବକ ଗତ ୨୪ ସେପ୍ଟେମ୍ବର ସନ୍ଧ୍ୟାରେ ସନ୍ତୋଷଙ୍କ ଭାଇ ପ୍ରତାପ ଓ ତାଙ୍କ ସାଙ୍ଗ ବାଇକରେ ଘରକୁ ଯାଉଥିଲେ। ଏହି ସମୟରେ ବିକାଶ ଓ ତାଙ୍କ ସାଙ୍ଗମାନେ ମିଶି ପ୍ରତାପ ଓ ତାଙ୍କ ସାଙ୍ଗକୁ ମାଡ଼ ମାରିଥିଲେ। ପ୍ରତାପ ଫୋନ୍‌କରି ସନ୍ତୋଷଙ୍କୁ ଡକାଇବାରୁ ସେ ଆସି ବିକାଶଙ୍କୁ ମାଡ଼ ମାରିଥିଲେ। ପରେ ଉଭୟ ପକ୍ଷରୁ ଟାଉନ ଥାନାରେ ଏତଲା ହୋଇଥିଲା। ପୋଲିସ କେସ୍ ନଂ ୨୭୩/୧୮ ଓ ୨୭୪/୧୮ରେ ୨ଟି ମାମଲା ରୁଜୁ କରିଥିଲା । ୨୫ ତାରିଖ ୪୧ ସିଆରପିସି ଅନୁସାରେ ଉଭୟଙ୍କୁ ନୋଟିସ୍ ଦିଆଯାଇ ଥାନାରୁ ଛଡ଼ାଯିବା ପରେ ବିକାଶ ଓ ତାଙ୍କ ସହଯୋଗୀ ରଜାନହର ଛକରେ ଜଗି ରହିଥିଲେ। ସନ୍ତୋଷ, ତାଙ୍କ ବାପା ଓ ଭାଇ ବାଇକରେ ଫେରୁଥିବା ବେଳେ ବିକାଶ ଓ ତା ସାଙ୍ଗମାନେ ସେମାନଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ବିକାଶ ତିନି ରାଉଣ୍ଡ ଗୁଳି ଚଳାଇଥିବା ବେଳେ ଏଥିରୁ ଗୋଟିଏ ସନ୍ତୋଷଙ୍କ ପିଠିର ତଳେ ବାଜିଥିଲା। ତାଙ୍କ ବାପା ନରେନ୍ଦ୍ରଙ୍କୁ ପଥରରେ ଆକ୍ରମଣ କରି ଗୁରୁତର କରାଯାଇଥିଲା। ଘଟଣା ପରେ ଅଭିଯୁକ୍ତମାନେ ଗୋଫିନ ଗ୍ରାମକୁ ଯାଇ ରାମେଶ୍ୱର ପାଣ୍ଡେଙ୍କ ଘରେ ରହିଥିଲେ। ସେମାନଙ୍କୁ ଖଲେଶ୍ୱର ପାଣ୍ଡେ ସବୁ ପ୍ରକାର ସହଯୋଗ କରିଥିଲେ ଓ ପରେ ସେମାନଙ୍କୁ ଅନ୍ୟତ୍ର ଛାଡ଼ିଥିଲେ ବୋଲି ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପ୍ରତ୍ୟୁଷ ଦିବାକର ଓ ଥାନା ଅଧିକାରୀ ବାଲେଶ୍ୱର ଗିଧି କହିଛନ୍ତି।



ଗିରଫ ହୋଇଥିବା ୩ ସମ୍ପର୍କୀୟ ।

### ଧରାପଡ଼ି ନାହାନ୍ତି ମୁଖ୍ୟ ଅଭିଯୁକ୍ତ

ଘଟଣାର ମୁଖ୍ୟ ଅଭିଯୁକ୍ତ ବିକାଶ ପାତ୍ରଙ୍କୁ ଏଯାବତ୍ ପୋଲିସ ଧରିବାରେ ବିଫଳ ହୋଇଛି। ତାଙ୍କର ଆହୁରି ବହୁ ସହଯୋଗୀ ପୋଲିସ ହାତକୁ ଆସିନାହାନ୍ତି। ରବିବାର ଗିରଫ ହୋଇଥିବା ୩ ଅଭିଯୁକ୍ତ ବିକାଶଙ୍କ ସମ୍ପର୍କୀୟ। ସେମାନେ ଗୁଳିକାଣ୍ଡରେ ସିଧାସଳଖ ସଂପୃକ୍ତ ନଥିଲେ ମଧ ସନ୍ତୋଷଙ୍କୁ ଆକ୍ରମଣ କରିବା ଯୋଜନାରେ ସାମିଲ ଥିଲେ। ଏହା ପୂର୍ବରୁ ସେମାନଙ୍କ ନାମରେ କୌଣସି ଅପରାଧିକ ମାମଲା ନଥିବା ପୋଲିସ କହିଛି। କେତେକ ବ୍ୟକ୍ତିଙ୍କୁ ଦୀର୍ଘ ଦିନ ଥାନାରେ ଅଟକ ରଖାଯିବା ପରେ ମଧ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିପାରିଲା ନାହିଁ। ତେଣୁ ସମ୍ପର୍କୀୟଙ୍କୁ ଗିରଫ କରିଥିବା ସାହିବାସିନ୍ଦା ଏବଂ ବିକାଶଙ୍କ ପରିବାର ଅଭିଯୋଗ କରିଛନ୍ତି।

# ଡୁମୁରିପୁଟରେ ଜିଲା ବିଜେଡିର ପଦଯାତ୍ରା

କୋରାପୁଟ,୭।୧୦(ସ୍ୱ.ପ୍ର.)

ପଦ୍ମପୁର ପଞ୍ଚାୟତ ଡୁମୁରିପୁଟରେ ରବିବାର ମଧାହ୍ନରେ କୋରାପୁଟ ଜିଲା ବିଜେଡି ପକ୍ଷରୁ ପଦଯାତ୍ରା ଅନୁଷ୍ଠିତ ହୋଇଛି । ପୂର୍ବତନ ବିଧାୟକ ରଘୁରାମ ପଡାଲଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଗୁପ୍ତ ପ୍ରସାଦ ଦାସ, ବିଜେଡି ଯୁବନେତା ଭାଗିରଥି ପାଟନିଆ, ରଘୁରାମ ମାଛ, ତ୍ରିପୁରାରୀ ଗରଡ଼ା, ଜିଲା ଯୁବ ବିଜେଡି ସଭାପତି ଅମିତ ଅଗ୍ରୱାଲ, ଶିବ ପଟ୍ଟନାୟକ, ମାଧବ ଖୋସ୍ଲା, ଏଲିନା ବେହେରା, ରିତା ପାଣିଗ୍ରାହୀ, ଭରତ ମଲ୍ଲିକ, ବ୍ଲକ ସଭାପତି ସାହେବ ଖିଲ ଉପସ୍ଥିତ ଥିଲେ। ଶତାଧିକ କର୍ମୀ ଡୁମୁରିପୁଟ ହାଟପଦା, ଡୁମୁରିପୁଟ ଓ ପୁରୁଣା ଡୁମୁରିପୁଟ ଗ୍ରାମ ପରିକ୍ରମା କରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସଂପର୍କରେ ଲୋକଙ୍କୁ ସଚେତନ କରିଥିଲେ। ପରେ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ପାଠାଗାର ମଣ୍ଡପରେ ପଞ୍ଚାୟତ ସଭାପତି ରାମଚନ୍ଦ୍ର ଭତ୍ରାଙ୍କ ଅଧକ୍ଷତାରେ ଏକ କର୍ମୀ ସମ୍ମିଳନୀ ହୋଇଥିଲା। ଏଥିରେ ବିଭିନ୍ନ ଯୋଜନା ବାବଦରେ ସଚେତନତା ସହ ସଙ୍ଗଠନ ମଜଭୁତ କରିବା ଓ ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟ ଆଣିଦେବା ପାଇଁ ପରାମର୍ଶ ଦିଆଯାଇଥିଲା। ସ୍ଥାନୀୟ ବିଜେଡି ନେତା ରବିନ୍ଦ୍ର କଂସାରୀ ଓ ସଞ୍ଜୟ ମହାନ୍ତି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ପଦଯାତ୍ରାରେ ବିଜେଡି ନେତା ଓ କର୍ମୀ ।

### ବ୍ରାଉନ ଭ୍ୟାଲି ବଗିଚାରେ ଗ୍ରାମାଲୋକ କାର୍ଯ୍ୟକ୍ରମ

କୋରାପୁଟ,୭।୧୦(ସ୍ୱ.ପ୍ର.)

ସାହିତ୍ୟ ଏକାଡେମୀ ନୂଆଦିଲ୍ଲୀ ପକ୍ଷରୁ କୋରାପୁଟର ପୋଡାଗଡ ନିକଟସ୍ଥ ବ୍ରାଉନ ଭ୍ୟାଲି କଫି ବଗିଚା ପରିସରରେ କବିତା ପାଠ ସହ ଏକ ସାହିତ୍ୟ ଆଲୋଚନାଚକ୍ର କାର୍ଯ୍ୟକ୍ରମ 'ଗ୍ରାମାଲୋକ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟ ଏକାଡେମୀ ଓଡିଆ ଭାଷା ପରିଷଦର ସଦସ୍ୟ ସୁଶାନ୍ତ କୁମାର ନାୟକ ସଭାପତିତ୍ୱ କରି ଗ୍ରାମାଲୋକ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଶାବର ଶ୍ରୀକ୍ଷେତ୍ରର ସଂପାଦକ ତଥା ପୂର୍ବତନ ଜିଲାପାଳ ଗଦାଧର ପରିଡା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ବରିଷ୍ଠ ସାହିତ୍ୟିକ ଡ. ଜଗବନ୍ଧୁ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୋରାପୁଟ ସାହିତ୍ୟିକମାନଙ୍କ ଲେଖନୀରେ ଆଦିବାସୀ ଜନଜୀବନର ଚିତ୍ର ଅଧିକରୁ ଅଧିକ ପ୍ରକାଶ ପାଇବା ପାଇଁ ମତ ରଖିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଗାଳ୍ପିକ ନାରାୟଣ ପଣ୍ଡା, କବି ଚକ୍ରପାଣି ପରିଚ୍ଛା, କବି ରବି ଶତପଥୀ, ପ୍ରୀତିଧାରା ସାମଲ, କୃଷ୍ଣ ସିଂ, ଜଳଧର ସ୍ୱାଇଁ, ଡ. ପ୍ରଦୀପ କୁମାର ମିଶ୍ର, ସୁଜୟ କୁମାର ପ୍ରଧାନ, ଉମାକାନ୍ତ ଦାସଙ୍କ ସମେତ ବହୁ କବି ଉପସ୍ଥିତ ରହି ସେମାନଙ୍କ ମତ ରଖିବା ସହ ସ୍ୱରଚିତ କବିତା ପାଠ କରିଥିଲେ।

# କ୍ଲଷ୍ଟରସ୍ତରୀୟ 'ସୁରଭି' ଉଦ୍‌ଘାଟିତ

କୋଲାବନଗର,୭।୧୦(ଡି.ଏନ.ଏ.)

କୋରାପୁଟ ଶିକ୍ଷା ଜିଲା ଅନ୍ତର୍ଗତ କୋଲାବନଗରସ୍ଥିତ ଥାନା କଲୋନୀ ମାଳତି ଦେବୀ ଆବାସିକ ବିଦ୍ୟାପୀଠରେ କ୍ଲଷ୍ଟରସ୍ତରୀୟ 'ସୁରଭି ' କେନ୍ଦ୍ର ସଂଯୋଜକ ଜି. ସୁରେଶଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଏକଶହ ପିଲା ଏବଂ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗଦେଇଥିଲେ। ଏଥିରେ ଡିବେଟ୍, କୁଇଜ୍, ଡ୍ରଇଂ, ଶ୍ରୁତ ଲିଖନ, ସଙ୍ଗୀତ, ନୃତ୍ୟ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପରୁସ୍କୃତ କରାଯିବ। କାର୍ଯ୍ୟକ୍ରମକୁ ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ବାସୁଦେବ ରଥ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମୂଲ୍ୟ ପରିଡ଼ା, ନାରାୟଣ ଟାକ୍ରୀ, ଜ୍ୟୋସ୍ନା ସହପାଣ୍ଡେ, ସୂର୍ଯ୍ୟ ବେହେରା, ସସ୍ମିତା ମିଶ୍ର, ଜୟରାମ ସୁନା, ଜୟନ୍ତୀ ପାଢ଼ୀ, କୁସୁମ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।



'ସୁରଭି' କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ rgdselfie@gmail.com ରେ ଆମର ସେଲ୍ଫି କର୍ଣ୍ଣରକୁ ପଠାନ୍ତୁ। ଏହାସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଜରିଆରେ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମରେ ସେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।


## ସେଲ୍ଫି କର୍ଣ୍ଣର



@ ଅନିଲ



@ ଚନ୍ଦନ



@ ପପୁନ



@ ଟୁକୁନା

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | rgdselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

■ ଲରୀ ଓନର୍ସ ଆସୋସିଏଶନ ନିର୍ବାଚନ

# ୧୮ ବର୍ଷ ପରେ ହାରିଲେ ସାଧାରଣ ସଂପାଦକ

ଜୟପୁର,୭।୧୦(ଡି.ଏନ୍.ଏ.)

ଜୟପୁର ଲରୀ ଓନର୍ସ ଆସୋସିଏସନର ନିର୍ବାଚନ ଏବଂ ସାଧାରଣ ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ସଂଘର ୧୪୪ଜଣ ସଦସ୍ୟଙ୍କ ମଧ୍ୟରୁ ୧୩୬ ଜଣ ଭୋଟଦାନ କରିଥିଲେ। ସେଥିରୁ ୧୦ ଭୋଟ ନାକଚ ହୋଇଥିଲା । ଏଥିରେ ୧୮ ବର୍ଷ ଧରି ସଂଘର ସଂପାଦକ ଭାବେ ରହିଥିବା ନରେନ୍ଦ୍ର ମହାନ୍ତି ପରାଜିତ ହୋଇଥିଲେ। ନିର୍ବାଚନରେ ସଭାପତି ଭାବେ ଏ. ବୀରଭଦ୍ର ରାଓ ୯୯ଟି ଭୋଟପାଇ ବିଜୟୀ ହୋଇଥିବା ବେଳେ ପୂର୍ବତନ ସଭାପତି ପି. ପୁଷ୍ପାରାଓ ୩୩ଟି ଭୋଟ ପାଇ ପରାଜିତ ହୋଇଛନ୍ତି। ଉପସଭାପତି ଭାବେ ପି.ଏନ. ମୂର୍ତ୍ତି ୯୦ଖଣ୍ଡ ଏବଂ କେ. ଆପାଲା ରାଜୁ ୩୭ଖଣ୍ଡ ଭୋଟ, ସାଧାରଣ ସଂପାଦକ ଭାବେ ପି. ଶିବପ୍ରସାଦ ୮୪ ଖଣ୍ଡ ଏବଂ ନରେନ୍ଦ୍ର ମହାନ୍ତି ୪୭ଖଣ୍ଡ ଭୋଟ, ଯୁଗ୍ମ ସଂପାଦକ ଏନ. ଲକ୍ଷ୍ମୀନାରାୟଣ ୧୦୨ ଖଣ୍ଡ ଭୋଟ ଏବଂ ଏସ୍. ବିଷ୍ଣୁ ୨୪ ଖଣ୍ଡ ଭୋଟ ଏବଂ କୋଷାଧକ୍ଷ ଏନ. ନାରାୟଣ ରାଓ ୮୧ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିବା ବେଳେ ପି. ମହେଶ୍ୱର ରାଓ ୪୪ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି । ଏଥିରେ ନିର୍ବାଚନ ଅଧିକାରୀ ଭାବେ ଟ୍ରକ ମାଲିକ ସଂଘର ସଂପାଦକ ଶ୍ୟାମସୁନ୍ଦର ରାୟ, ଆଇନଜୀବୀ ସୁଧୀର ପାଢ଼ୀ, ସରୋଜ ଦାଶ, ତାରିଣୀ ପାଣିଗ୍ରାହୀ, ରାମନାଥ ମିଶ୍ର, ଏମ୍.ଭି. ଜଗଦିଶ ଆଚାରୀ ପରିଚାଳନା କରିଥିଲେ।



ନବନିର୍ବାଚିତ ସଦସ୍ୟମାନେ ।

# ବେପାରୀଙ୍କୁ ମହଙ୍ଗା ପଡ଼ିଲା ସୁନାଶଙ୍ଖର ଲୋଭ

କୋରାପୁଟ,୭।୧୦(ସ୍ୱ.ପ୍ର.)

■୧୦ ଲକ୍ଷ ଟଙ୍କା ଠକିଗଲେ ସୁନା ବେପାରୀ
■ଟାଉନଥାନାରେ ଏତଲା ପରେ ପଦକ୍ଷେପ
■ଜଣେ ଗିରଫ, ୩ ଲକ୍ଷ ୮୦ ହଜାର ଟଙ୍କା ଜବତ

ସୁନା ଶଙ୍ଖ ଦେଖାଇ କୋରାପୁଟ ସହରର ଜଣେ ସୁନା ବେପାରିଙ୍କଠାରୁ ୧୦ ଲକ୍ଷ ଟଙ୍କା ହଡ଼ପ ହୋଇଛି। ଏହିଘଟଣାକୁନେଇ ସହରରେ ଚର୍ଚ୍ଚା ଜୋର୍ ଧରିଛି। ସହରର ପ୍ରତିଷ୍ଠିତ ସୁନା ବ୍ୟବସାୟୀ ଭାଗୀରଥି ନାଥ (ନଟିଆ) ଏଭଳି ଠକେଇର ଶିକାର ହୋଇଛନ୍ତି। ଏନେଇ ସେ ସ୍ଥାନୀୟ ଟାଉନ ଥାନାରେ ଏତଲା ଦେଇଛନ୍ତି। ଏହାପରେ ଟାଉନ ଥାନା ଅଧିକାରୀ କ୍ଷିରେଶ୍ୱର ସାହୁ ଘଟଣାର ତଦନ୍ତ ପାଇଁ ସବ ଇନ୍ସପେକ୍ଟର ଏସ୍. ବଡଦେବତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ଏହି ଘଟଣାରେ ପୋଲିସ ୩ ଜଣ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ଜେରା କରୁଛି। ସେମିଳିଗୁଡ଼ା ଅଞ୍ଚଳରୁ ଏହି ଘଟଣାରେ ସୁରେନ୍ଦ୍ର ଖିଲ ନାମକ ଜଣେ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରି ଥିବାବେଳେ ତାର ଘରୁ ୩ ଲକ୍ଷ ୮୦ ହଜାର ଟଙ୍କା ଜବତ କରାଯାଇଛି । ଗିରଫ ସୁରେନ୍ଦ୍ରକୁ ରବିବାର କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶ ଯେ ନନ୍ଦପୁର ଅଞ୍ଚଳରୁ ମାଟି ଖୋଳୁଥିବାବେଳେ ପୁରୁଣା ଶଙ୍ଖ ବାହାରିଛି ଓ ଏହା ସୁନାର ଅଟେ। ଏଭଳି ନାଟକ କରି ନନ୍ଦପୁରର ପାଢୁଆ ଓ ସେମିଳିଗୁଡ଼ାର କେତେକ ବ୍ୟକ୍ତି କୋରାପୁଟ ସହରର ସୁନା ବେପାରୀ ନଟିଆଙ୍କୁ ଏହା ବିକିବା ପାଇଁ ଜଣେ ବ୍ୟକ୍ତିଙ୍କ ସହାୟତାରେ ଖବର ଦେଇଥିଲେ । ନଟିଆ ପାଢୁଆ ଯାଇ ଏହି ଶଙ୍ଖକୁ ପରଖିବାବେଳେ ପୂର୍ବରୁ ଦଲାଲମାନେ ଶଙ୍ଖରେ ଲଗାଇଥିବା କିଛି ସୁନା ଅଂଶ ଖସିପଡିଥିଲା । କୌଶଳମତେ ଏହି ଅଂଶକୁ ନଟିଆକୁ ପରଖିବା ପାଇଁ କହିଥିଲେ। ବେପାରି ଜଣଙ୍କ ଏହା ପରଖିବା ପରେ ଏଥିରେ ୭୦ ଭାଗ ସୁନା ଥିବା ଜାଣିଥିଲେ । ଶଙ୍ଖ ୪ କେଜି ଓଜନର ହୋଇଥିବାବେଳେ ଏଥିରେ ୨ କେଜି ସୁନା ଥିବା ଆକଳନ କରି ସେ ଶଙ୍ଖକୁ ୪୦ ଲକ୍ଷ ଟଙ୍କାରେ ସଉଦା କରିଥିଲେ । ୧୦ ଲକ୍ଷ ଟଙ୍କା ଅଗ୍ରୀମ ଭାବେ ସେହି ଦଲାଲଙ୍କୁ ଦିଆଯାଇଥିଲା। ପରେ ଶଙ୍ଖକୁ କୋରାପୁଟ ଆଣିବା ପରେ ତାହା ପିତଳ ବୋଲି ଜଣାପଡ଼ିଥିଲା। ଏତେ ଟଙ୍କାର ଠକେଇ ପରେ ଟଙ୍କା ଫେରି ପାଇବା ପାଇଁ ସେ ଟାଉନ ଥାନା ଦ୍ୱାରସ୍ଥ ହୋଇଥିଲେ।

ଅପରପକ୍ଷେ ଏହି ଘଟଣାରେ ଟାଉନପୋଲିସ କୋରାପୁଟ, ସେମିଳିଗୁଡା, ନନ୍ଦପୁର ଅଞ୍ଚଳର ୩ ଜଣଙ୍କୁ ଅଟକ ରଖିଥିବାବେଳେ ଲକ୍ଷାଧିକ ଟଙ୍କା ଜବତ କରିଛି । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଓ କୋରାପୁଟର ଜଣେ ମଧ୍ୟସ୍ଥି ଏବେ ମଧ ଫେରାର ଥିବା ଜଣାପଡ଼ିଛି। ଏନେଇ କୋରାପୁଟ ଟାଉନ ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ଏହି ଘଟଣାରେ ଅଭିଯୁକ୍ତମାନେ ସୁନା ବ୍ୟବସାୟୀଙ୍କଠାରୁ ୮ ଲକ୍ଷ ହଡ଼ପ କରିଥିଲେ। ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ୩ ଲକ୍ଷ ୮୦ ହଜାର ଟଙ୍କା ଉଦ୍ଧାର କରାଯାଇଛି। କୋରାପୁଟ ଜିଲାର କେତେକ ଦଲାଲଙ୍କ ଜରିଆରେ ବାହାରୁ ଚୋରାସୁନା ଜିଲାର ସୁନା ବ୍ୟବସାୟୀଙ୍କୁ ବିକ୍ରି କରାଯାଉଥିବା ପୂର୍ବରୁ ଅଭିଯୋଗ ହୋଇଆସୁଥିଲା।



ନୀଚ ଲୋକଠାରେ ଯଦି ଉଚ୍ଚ ବିଦ୍ୟା ଥାଏ, ତେବେ ଜାତି ଧର୍ମ ନ ବିଚାରି ତାହା ଗ୍ରହଣ କରିବା ଉଚିତ, ଯେପରି ଶାମୁକା ଭିତରୁ ମୁକ୍ତା ସଂଗ୍ରହ ହୁଏ। -ବ୍ୟାସଦେବ

## ସଂକ୍ଷେପରେ

### ଦୁର୍ଘଟଣାରେ ପୁଅ ମୃତ, ବାପା ଗୁରୁତର

**ନବରଙ୍ଗପୁର/ବୋରିଗୁମ୍ମା , ୭।୧୦(ବି.ପ୍ର./ଡି.ଏନ୍.ଏ.):** କୋରାପୁଟ ଜିଲା ଆଉଁଳି ଛକ ନିକଟରେ ଏକ ବାଇକ ଟିପର ପଛ ପଟକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ପୁଅର ମୃତ୍ୟୁ ଘଟିଥିବା ବେଳେ ବାପା ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତକ ଜଣକ ହେଲେ ପ୍ରତ୍ୟୁଷ କୁମାର ଜେନା । ନବରଙ୍ଗପୁର ଥିବା ଭାଇ ଘରକୁ କୋରାପୁଟର ସୋମନାଥ ଜେନା ଓ ତାଙ୍କ ପୁଅ ପ୍ରତ୍ୟୁଷ ବାଇକ ( ନଂ. ଓଆର୧୦ ଡି ୩୫୬୮ )ରେ ଆସିଥିଲେ। ନବରଙ୍ଗପୁରରୁ କୋରାପୁଟ ଫେରିବା ବେଳେ ଆଉଁଳି ଛକ ନିକଟରେ ଦୁଇଟି ଗାଈ ବାଇକ ପଛପଟକୁ ଧକ୍କା ଦେଇଥିଲେ। ନିୟନ୍ତ୍ରଣ ହରାଇ ସୋମନାଥ ବାଇକ ନେଇ ଏକ ଟିପର ସହ ବାଡେଇଥିଲେ। ଟିପର (ନଂ ଓଡି୧୦ ସି ୨୬୦୧)ଟି ବାଇକକୁ ବଞ୍ଚାଇବାକୁ ଯାଇ ନିୟନ୍ତ୍ରଣ ହରାଇ ଓଲଟି ପଡିଥିଲା। ଦୁର୍ଘଟଣାରେ ଘଟଣା ସ୍ଥଳରେ ପ୍ରତ୍ୟୁଷଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ସୋମନାଥଙ୍କୁ ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରତ୍ୟୁଷ କୋରାପୁଟ ଶିଶୁ ମନ୍ଦିରରେ ୧୦ମ ଶ୍ରେଣୀ ପାଠ ପଢୁଥିଲେ।

### କଂଗ୍ରେସର ବୁଥସ୍ତରୀୟ ସମାବେଶ

ତେନ୍ତୁଳିଖୁଣ୍ଟି,୭।୧୦(ଡି.ଏନ.ଏ)-ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକର କୁକୁଡାବାଇଠାରେ କଂଗ୍ରେସର ବୁଥସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୋନ-୧ କଂଗ୍ରେସର ସଭାପତି ବିପିନ ଟାକ୍ରି ସଭାପତିତ୍ୱ କରିଥିଲେ। ଅତିଥି ଭାବେ ପୂର୍ବତନ ଏମପି ପ୍ରଦୀପ ମାଝି, ରାଜ୍ୟ କଂଗ୍ରେସ କମିଟି ଉପସଭାପତି ସଦନ ନାୟକ, ସଙ୍ଗଠନ ସମ୍ପାଦକ ସରୋଜ ପାତ୍ର, ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ପି. ନାଗରତ୍ନମ ପ୍ରମୁଖ ଯୋଗ ଦେଇଥିଲେ। ବୁଥସ୍ତରରୁ କଂଗ୍ରେସ ସଙ୍ଗଠନକୁ ମଜବୁତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ସମାବେଶରେ ବିଭିନ୍ନ ଦଳରୁ ୧୭୦ ଜଣ କଂଗ୍ରେସରେ ଯୋଗ ଦେଇଥିଲେ। କୁକୁଡାବାଇ, ଅଞ୍ଚଳଗୁମ୍ମା, କଂଗ୍ରା, ଦିଗି, ତାରାଗାଁର କର୍ମୀ ଯୋଗ ଦେଇଥିଲେ। ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଦୀପ ସାହୁ, ଡାଲବନ୍ଧୁ ହରିଜନ, ରମେଶ ପାତ୍ର, ଜିଲା କଂଗ୍ରେସ ଆଦିବାସୀ ସେଲ ସଭାପତି ଅଖିଳ ଭତ୍ରା, ଅବଦୁଲ ଫିରୋଜ, ଦୁର୍ଲଭ କନ୍ଧ ଗୌଡ, ଚିଦାନନ୍ଦ ସାହୁ, ବାରିଜ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

### ଭୋଟର ତାଲିକା ସଂଶୋଧନ ସ୍ୱତନ୍ତ୍ର ଅଭିଯାନ

**ଡାବୁଗାଁ,୭।୧୦ (ଡି.ଏନ.ଏ.):** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ଭୋଟର ତାଲିକା ସଂଶୋଧନର ସ୍ୱତନ୍ତ୍ର ଅଭିଯାନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧୀନ ମୋଟ ୫୪ ଭୋଟ ଗ୍ରହଣ କେନ୍ଦ୍ରଠାରେ ବୁଥ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଭୋଟର ତାଲିକା ସଂଶୋଧନ କାର୍ଯ୍ୟ କରିଥିଲେ। ବୁଥ ସ୍ତରୀୟ ଅଧିକାରୀମାନଙ୍କ ପାଖକୁ ଭୋଟର ମାନେ ଆସି ୬ନଂ, ୭ ନଂ, ୮ନଂ ଓ ୮(କ) ଫର୍ମ ପୂରଣ କରାଯାଇଥିଲା। ଜିଲା ମଙ୍ଗଳ ଅଧିକାରୀ ତଥା ବ୍ଲକ ନୋଡାଲ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ତହସିଲଦାର ନରସିଂହ ଗାଦବା ଓ ବିଡିଓ ଗୌରହରି ପାତ୍ର ବିଭିନ୍ନ ବୁଥ ପରିଦର୍ଶନ କରିଥିଲେ । ଏହି ସ୍ୱତନ୍ତ୍ର ଅଭିଯାନ ଅକ୍ଟୋବର ୭ ଓ ୨୮ ତାରିଖରେ ଅନୁଷ୍ଠିତ ହେବ । ଏହା ସହ ସୁପରଭାଇଜର କୃଷ୍ଣଚନ୍ଦ୍ର ପଣ୍ଡା, ଧନସିଂ ତନ୍ତି, ରାଇସିଂ ପୂଜାରୀ, ରତିକାନ୍ତ ନାୟକ ଓ ବିକାଶ ରଞ୍ଜନ ନିଶଙ୍କ ପ୍ରମୁଖ ବୁଥ ଗୁଡିକ ବୁଲି ତଦାରଖ କରିଥିଲେ।

### ସନ୍ଦେହରେ ପୂର୍ବତନ ୱାର୍ଡସଭ୍ୟଙ୍କ ମୃତ୍ୟୁ

**ଚନ୍ଦାହାଣ୍ଡି,୭।୧୦(ଡି.ଏନ.ଏ):** ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମାଲଗାଁ ପଞ୍ଚାୟତର ଭୋଜପୁର ଗ୍ରାମର ପୂର୍ବତନ ୱାର୍ଡ ସଭ୍ୟ ତ୍ରିନାଥ ଗୌଡଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ଏ ନେଇ ପରିବାର ଲୋକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପାଚେରୀକୁ ନେଇ ପଡୋଶୀଙ୍କ ସହ ତ୍ରିନାଥଙ୍କ ଝଗଡା ହୋଇଥିଲା। ରାଜସ୍ୱ ବିଭାଗ ସୀମା ଚିହ୍ନଟ କରି ଖୁଣ୍ଟ ପୋତିଥିଲେ। କିନ୍ତୁ ପଡୋଶୀଙ୍କ ପରିବାର ରବିବାର ଉକ୍ତ ଖୁଣ୍ଟକୁ ଉପାଡି ଦେବାରୁ ଏହାକୁ ନେଇ ସନ୍ଧ୍ୟାରେ ବୈଠକ ହୋଇଥିଲା। କିନ୍ତୁ ବୈଠକରେ କୌଣସି ସମାଧାନ ନ ହେବାରୁ ତ୍ରିନାଥ ଥାନାକୁ ଯିବି କହି ନିଜ ଘରକୁ ଯାଇ ହଠାତ ତଳେ ପଡି ଯାଇଥିଲେ। ପରିବାର ଲୋକ ତ୍ରିନାଥଙ୍କୁ ଚନ୍ଦାହାଣ୍ଡି ଡାକ୍ତରଖାନାକୁ ଆଣିବା ବେଳେ ବାଟରେ ସେ ମରି ଯାଇଥିଲେ। ଏ ନେଇ ତାଙ୍କ ପୁଅ ଡମାର ସିଂ ଗୌଡ ଥାନାରେ ଅଭିଯୋଗ କରିବା ପରେ ଏଏସଆଇ ତରଣୀ ସେନ ନାୟକ ମୃତଦେହ ଜବତ କରିଥିଲେ। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ।

# ୬ କୋଠରିରେ ଚାଲିଛି ୧୦ ଶ୍ରେଣୀ

**ରାଇଘର,୭।୧୦(ଡି.ଏନ୍.ଏ.)**



ଶ୍ରେଣୀ ଗୃହ ଚଟାଣ ଫାଟି ଆଁ କରିଛି।

**ସମସ୍ୟାରେ ଛେଳି ଡଙ୍ଗରୀ ଉଚ୍ଚ ବିଦ୍ୟାଳୟ**

- ଶ୍ରେଣୀଗୃହ ଅଭାବ
- ପିଅନଠାରୁ ଆରମ୍ଭ କରି ଶିକ୍ଷକ ପର୍ଯ୍ୟନ୍ତ ପଦବୀ ଖାଲି ପଡିଛି

ଶିକ୍ଷାର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ସ୍କୁଲରେ ଶ୍ରେଣୀ ଗୃହ , ଶିକ୍ଷକ ଅଭାବ ଲାଗି ରହିଛି। ସ୍କୁଲ ଅବ୍ୟବସ୍ଥା ଯୋଗୁ ପିଲାମାନଙ୍କ ପାଠପଢା ବ୍ୟାହତ ହେଉଛି। ନବରଙ୍ଗପୁର ଜିଲା ରାଇଘର ବ୍ଲକ ଅନ୍ତର୍ଗତ ଛେଳିଡଙ୍ଗରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଏପରି ସମସ୍ୟା ଦେଖିବାକୁ ମିଳିଛି । ଶ୍ରେଣୀ ଗୃହ ଅଭାବ ଯୋଗୁ ୧୦ଟି ଶ୍ରେଣୀର ପିଲା ୬ଟି କୋଠରୀରେ ବସି ପାଠ ପଢୁଛନ୍ତି। ସମସ୍ୟା ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ବାରମ୍ବାର ଅବଗତ କରୁଥିଲେ ମଧ୍ୟ ଏଥିପ୍ରତି କାହାରି ଦୃଷ୍ଟି ପଡୁନି। ଛେଳିଡଙ୍ଗରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ମୋଟ ୪୧୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ସେମାନଙ୍କ ମଧ୍ୟରୁ ୧୫୦ ଛାତ୍ରୀଙ୍କ ନିମନ୍ତେ ହଷ୍ଟେଲରେ ରହିବା ବ୍ୟବସ୍ଥା ରହିଛି । ଛାତ୍ରୀଛାତ୍ରଙ୍କ ସଂଖ୍ୟା ଦୃଷ୍ଟିରୁ ଏଠାରେ ଶ୍ରେଣୀଗୃହର ଅଭାବ ରହିଛି । ସ୍କୁଲ ପରିସରରେ ୧୦ ଶ୍ରେଣୀଗୃହ ଥିବା ବେଳେ ୪ଟି ବିପଦ ସଂକୁଳ ଅବସ୍ଥାରେ ରହିଛି। ଫଳରେ ୬ଟି ଗୃହରେ ୧୦ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବସି ପାଠ ପଢୁଛନ୍ତି । ସ୍ଥାନ ଅଭାବରୁ ପିଲାମାନଙ୍କୁ ସ୍କୁଲ କର୍ତ୍ତୃପକ୍ଷ ବାରଣ୍ଡାରେ ବସାଇବାକୁ ବାଧ ହେଉଛନ୍ତି। ଏଥିଯୋଗୁ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନରେ ବାଧାପ୍ରାପ୍ତ ହେଉଛି । କିଛି ଶ୍ରେଣୀଗୃହର କାନ୍ଥ ଫାଟି ଆଁ କରିଥିବା ବେଳେ ଶ୍ରେଣୀଗୃହ ଅଭାବ ରହିଥିବା ଯୋଗୁ ବିପଦ ସଙ୍କୁଳ ଗୃହରେ ପିଲାମାନଙ୍କୁ ବସାଇବାକୁ ସ୍କୁଲ କର୍ତ୍ତୃପକ୍ଷ ବାଧ ହେଉଛନ୍ତି। ବିଦ୍ୟାଳୟରେ ପିଅନ, କ୍ଲର୍କ ଆଦି ପଦବୀ ଖାଲି ପଡିଥିବା ବେଳେ ହିନ୍ଦୀ ଓ ବିଜ୍ଞାନ, ସିବିଜେଡ୍ ଶିକ୍ଷକ ନାହାନ୍ତି । ଏଥିସହ ମଧ୍ୟାହ୍ନ ଭୋଜନ ଗୃହ ନ ଥିବାରୁ ଭଙ୍ଗାଦଦରା ଘରେ ମଧ୍ୟାହ୍ନଭୋଜନ ରୋଷେଇ ହେଉଛି। ବିଦ୍ୟାଳୟ ମଧ୍ୟାହ୍ନଭୋଜନ ଚାଲୁଥିବା ଦଦରା ଗୃହରେ ହଷ୍ଟେଲ ପିଲାଙ୍କ ନିମନ୍ତେ ରୋଷେଇ ହେଉଛି । ହଷ୍ଟେଲ ପିଲାଙ୍କ ନିମନ୍ତେ ଡାଇନିଂ ହଲ୍ ନ ଥିବା ଯୋଗୁ ପିଲାମାନେ ଖଟରେ ବସି ଖାଉଛନ୍ତି । ୨୦୦୮ ମସିହାରୁ ଉକ୍ତ ବିଦ୍ୟାଳୟ ଅପଗ୍ରେଡ ପାଇବା ପରେ ମଧ୍ୟ କମ୍ପ୍ୟୁଟର ସୁବିଧା ବିଦ୍ୟାଳୟରେ ନାହିଁ । ୪ଟି ନଳକୂଅରୁ ଗୋଟିଏ ଖରାପ ରହିଛି। ପିଲାଙ୍କ ସଂଖ୍ୟା ଦୃଷ୍ଟିରୁ ପାଇଖାନା ଓ ଶୌଚାଳୟ କମ୍ ରହିଛି । ଦୁର୍ଗମ ଅଞ୍ଚଳରେ ଶ୍ରେଣୀଗୃହ ,ହଷ୍ଟେଲ ଗୃହ ନିର୍ମାଣ ନିମ୍ନମାନର କାର୍ଯ୍ୟ ହେଉଥିବା ଯୋଗୁ ସମସ୍ୟା ଦେଖାଦେଉଛି ବୋଲି ଅଭିଯୋଗ ହେଉଛି । ଏ ସମ୍ପର୍କରେ ପ୍ରଧାନଶିକ୍ଷକ ସନନ୍ତ ପ୍ରହରାଜଙ୍କୁ ପଚାରିବାରୁ ସେ କହିଥିଲେ ଯେ ସମସ୍ୟା ପ୍ରତି ଉଚ୍ଚ କର୍ତ୍ତପକ୍ଷଙ୍କୁ ଦୃଷ୍ଟି ଆକର୍ଷଣ କରିଛି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟି ଦେଇ ଶିକ୍ଷାର ବିକାଶ ନିମନ୍ତେ ଛେଳି ଡଙ୍ଗରୀ ବିଦ୍ୟାଳୟର ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି ।

## ଜିଲା ଆଶାକର୍ମୀ ସଂଘର ବାର୍ଷିକ ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

**ନବରଙ୍ଗପୁର,୭।୧୦(ବି.ପ୍ର)**

ଭାରତୀୟ ମଜଦୂର ସଂଘଦ୍ୱାରା ପରିଚାଳିତ ଜିଲା ଆଶାକର୍ମୀ ସଂଘର ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଶିଶୁ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି । ମଜଦୂର ସଂଘର ଜିଲା ସଭାପତି ବାଙ୍କ ବିହାରୀ ବିଷୋୟୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ନବରଙ୍ଗପୁର ବିଧାୟକ ତଥା ଜିଲା ଯୋଜନା କମିଟିର ଅଧ୍ୟକ୍ଷ ମନୋହର ରନ୍ଧାରୀ ଯୋଗଦେଇ ଆଶାକର୍ମୀ ମାନେ ଅଶାର ଆଲୋକ ବୋଲି ଅଭିହିତ କରିଥିଲେ। ଅଶାକର୍ମୀ ମାନେ ମାଆର ଭୂମିକା ନେଇଁ କାମ କରୁଥିବା ବେଳେ ସେମାନ ସମସ୍ତଙ୍କର ନମସ୍ୟ । ସେମାନଙ୍କର ବହୁ ଦାବି ରହିଥିବାବେଳେ ଏହାର ପୂରଣ ପାଇଁ ସେ ରାଜ୍ୟ ସରକାରଙ୍କର ସହ ଆଲୋଚନା କରିବେ। ମୁଖ୍ୟମନ୍ତ୍ରୀ ଖୁବଶିଘ୍ର ସେମାନଙ୍କର ଦାବି ପୂରଣ ପାଇଁ ଘୋଷଣା କରିବେ ବୋଲି କହିଥିଲେ । ଜିଲାରେ ଅଶାକର୍ମୀ ସଂଘ ଅଫିସ ପାଇଁ ସେ ବିଧାୟକ ପାଣ୍ଠିରୁ ଅନୁଦାନ ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ। ମୁଖ୍ୟବକ୍ତା ମଜଦୂର ସଂଘର ରାଜ୍ୟ ଉପସଭାପତି ପ୍ରହ୍ଲାଦ ନାୟକ ଯୋଗଦେଇ ଭାରତୀୟ ମଜଦୂର ସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଆଶାକର୍ମୀ ସଂଘର ରାଜ୍ୟ ଅଧକ୍ଷା ପଙ୍କଜିନୀ ନାୟକ ଯୋଗ ଦେଇ କହିଥିଲେ ଯେ, ଆଶାକର୍ମୀମାନଙ୍କୁ ସରକାର ନିୟମିତ କରିବା, କେନ୍ଦ୍ର ଓ ରାଜ୍ୟ ସରକାର ଦରମା ବୃଦ୍ଧି ଉପରେ ଦାବୀ କରିଥିଲେ । ଆସନ୍ତା ୨୪ ତାରିଖରେ ଭୁବନେଶ୍ୱରରେ ରାଜ୍ୟ ସମ୍ମିଳନୀ, ଡିସେମ୍ବରରେ ବିଧାନସଭା ଘେରାଉ ସମ୍ପର୍କରେ ସୁଚନା ପ୍ରଦାନ କରିଥିଲେ । କୋରାପୁଟର ଜିଲା ସଭାନେତ୍ରୀ ଅଶାକର୍ମୀଙ୍କର ବିଭନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଜିଲା ଅଶାକର୍ମୀ ସଂଘର ସମ୍ପାଦିକା ମାଧୁରୀ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ମଜଦୂରସଂଘର ଜିଲା ସମ୍ପାଦକ ପରମେଶ୍ୱର ବିଷୋୟୀ ଜିଲାର ସମସ୍ତ ୧୦ଟି ବ୍ଲକରେ କରାଯାଇଥିବା ସାଙ୍ଗଠାନିକ ବୈଠକ ବିଷୟରେ ଅବଗତ କରାଇ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସର୍ବସମ୍ମତିକ୍ରମେ ଜିଲା ଅଶାକର୍ମୀ ସଂଘର ନୂତନ କମିଟି ଘୋଷଣା କରାଯାଇଥିଲା। ସଭାନେତ୍ରୀ ଭାବେ ମାଧୁରୀ ଦାସ, ଉପସଭାନେତ୍ରୀ ସନ୍ଧ୍ୟା ମହାରଣା ଓ ରମ୍ଭାମଣି ନାଗ, ସମ୍ପାଦିକା ସବିତା ପଣ୍ଡା, ସହ ସମ୍ପାଦିକା ସୁମିତ୍ରା ହରିଜନ ଓ ପୁତଲ ମଣ୍ଡଳ ଏବଂ କୋଷାଧକ୍ଷା ଭାବେ ମୀନାକୁମାରୀ ପାତ୍ର ରହିଥିବାବେଳେ ୧୭ଜଣ କାର୍ଯ୍ୟକାରିଣୀ ସଭ୍ୟା ରଖାଯାଇଥିଲା ।

# ବିଜେଡିର ଜନ ସମ୍ପର୍କ ପଦଯାତ୍ରା

**ପାପଡାହାଣ୍ଡି, ୭।୧୦(ଡି.ଏନ.ଏ)**



ଉପସ୍ଥିତ ବିଜେଡି ନେତା ଓ ଲୋକମାନେ।

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଡଙ୍ଗରା ଓ ଖୁଟୁବାଇ ପଞ୍ଚାୟତ ସଦର ମହକୁମାରେ ରବିବାର ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ବିଦ୍ୟାଧର ମଲ୍ଲିକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଜିଲା ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଜିଲା ବିଜେଡି ସଭାପତି ପ୍ରହ୍ଲାଦ ତ୍ରିପାଠୀ, ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତ୍ରା, ଜିଲା ଯୁବ ବିଜେଡି ସଭାପତି ଶିବାନନ୍ଦ ବିଶୋୟୀ, ଉପସଭାପତି ପ୍ରକାଶ ମାଝୀ, ବ୍ଲକ ଅଧକ୍ଷା ସେବତୀ ସାନ୍ତା, ଉପାଧ୍ୟକ୍ଷ ତ୍ରିନାଥ ପ୍ରଧାନ, ସୁଜାତା ନାୟକ, ଅବଦୁଲ ତାଜୁଦ୍ଦିନ, ଘାସିରାମ ନାୟକ, ରାମ ମିରଗାନ ସହ ବହୁ କର୍ମୀ ଯୋଗ ଦେଇଥିଲେ। ପ୍ରଥମେ ଡଙ୍ଗରାର ହିର୍ଲାଗୁଡାରୁ ପଦଯାତ୍ରା ବାହାରି ଓଡିଆ ସାହି, ମାଳି ସାହି ଓ ମାଝି ସାହି ପର୍ଯ୍ୟନ୍ତ ପହଞ୍ଚିଥିଲା । ଆୟୋଜିତ ବୈଠକରେ ଅତିଥିମାନେ ରାଜ୍ୟ ସରକାରଙ୍କ ଜନ ହିତକର ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ୱାର୍ଡମେମ୍ବର ଓ ନାଏବ ସରପଞ୍ଚଙ୍କ ନେତୃତ୍ୱରେ ୫ ଜଣ ବିଜେଡିରେ ସାମିଲ ହେଲେ । ପରେ ଖୁଟୁବାଇରୁ ପଦଯାତ୍ରା ବାହାରି ନାୟକ ସାହି ଓ ପୂଜାରି ସାହି ପହଞ୍ଚିଥିଲା । ଧର୍ମ ସିଂ ଓ ତୁଳାରାମ ଭତ୍ରାଙ୍କ ନେତୃତ୍ୱରେ ଶତାଧିକ କର୍ମୀ କଂଗ୍ରେସ ହାତ ଛାଡି ବିଜେଡିରେ ସାମିଲ ହୋଇଥିଲେ ।

## ଚାଷୀଙ୍କ ପାଇଁ ଜଳଯୋଗାଣ ବ୍ୟବସ୍ଥା କଲେ ସରପଞ୍ଚ

**ଚନ୍ଦାହାଣ୍ଡି,୭।୧୦(ଡି.ଏନ.ଏ)**

ଚନ୍ଦାହାଣ୍ଡି ବ୍ଲକରେ ବର୍ଷା ଛାଡି ଯାଇ ପ୍ରବଳ ଖରା ହେଉଛି। ଏଥିପାଇଁ ଚାଷୀଙ୍କ ଚାଷ ଜମିରେ ପାଣି ନ ଥାଇ ଧାନ ଗଛ ଶୁଖିବାକୁ ବସିଲାଣି। ବ୍ଲକର ପାଟଖଲିଆ ପଞ୍ଚାୟତରେ ଜଳସେଚନ ସୁବିଧା ନ ଥିବାରୁ ଚାଷୀ ବହୁ ହଇରାଣ ହେଉଥିଲେ। ଭଣ୍ଡାରୀ ନଦୀରେ ଚେକ ଡ୍ୟାମ କରାଯାଉଥିଲେ ମଧ ତାହା ଭାଙ୍ଗିଯାଇଛି। ଚେକ ଡ୍ୟାମର ମରାମତି ହୋଇ ନ ଥିବାରୁ ଚାଷୀ ପାଣି ପାଇବାରୁ ବଞ୍ଚିତ ହେଉଥିଲେ। ଜମିରେ ପାଣି ନ ଥାଇ ଧାନ ଗଛ ମରିବାକୁ ବସିଛି। ନଦୀରେ ଏକ ଅସ୍ଥାୟୀ ବାଲିବନ୍ଧ କରିବାକୁ ପାଟଖଲିଆ ସରପଞ୍ଚ ହର ପୂଜାରୀଙ୍କୁ ଚାଷୀମାନେ ଜଣାଇଥିଲେ। ସରପଞ୍ଚ ନିଜ ଖର୍ଚ୍ଚରେ ଏକ ବାଲି ବନ୍ଧ କରିଥିଲେ। ଫଳରେ ଚାଷୀଙ୍କ ମୁହଁରେ ହସ ଫୁଟିଛି। ଏହି ବାଲି ବନ୍ଧ ଦ୍ୱାରା ହଳଦୀ, ପାଟଖଲିଆ, ପୂଜାରିଗୁଡା, ପୁଞ୍ଜିପଡାର ଚାଷୀ ଉପକୃତ ହେବେ ବୋଲି ଜଣାପଡିଛି।



ଜେସିବି ମେଶିନରେ ବାଲିବନ୍ଧ ଖୋଳାଯାଉଛି।

## କ୍ଲଷ୍ଟରସ୍ତରୀୟ ସୁରଭି



କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

**ଚନ୍ଦାହାଣ୍ଡି,୭।୧୦(ଡି.ଏନ.ଏ)**

ଚନ୍ଦାହାଣ୍ଡି ବ୍ଲକ ମାଲଗୁଡିଆପଡା ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥିଭାବେ ମାଁଲଗାଁ ସରପଞ୍ଚ ଉର୍ବଶୀ ନାୟକ, ମୁଖ୍ୟବକ୍ତା ବିଇଓ ଭଜନଲାଲ ମାଝି ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ନୃସିଂହ ମାଝି ଅଧ୍ୟକ୍ଷତା କରିଥିଲେ। ଏଥିରେ ୧୧ଟି ବିଦ୍ୟାଳୟ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ମାଲଗାଁ ଆଶ୍ରମ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସଫଳତା ପାଇବା ସହ ଛାତ୍ରୀମାନେ ଦଳଗତ ନୃତ୍ୟରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ସେମାନେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ। ସଫଳତା ପାଇଥିବା ଛାତ୍ରୀଛାତ୍ରମାନେ ହେଲେ ଦମୟନ୍ତି ଧୁରୁଆ, ସଦାଶିବ ଗୌଡ, ରଞ୍ଜିତା ଖରସେଲ, ଚନ୍ଦ୍ରିକା ଗଣ୍ଡ, ଦେବକୀ ମାଝି, ଅଞ୍ଜଳି ଖମାରୀ, ବବି ଗଣ୍ଡ, ଫୁଲମଣୀ ସାନ୍ତା, ଜୟନ୍ତୀ ସାନ୍ତା, ଶାନ୍ତିଲତା ଗୌଡ, ଜୟନ୍ତୀ ସାନ୍ତା । କାର୍ଯ୍ୟକ୍ରମରେ ମାଁଲଗାଁ ହାଇସ୍କୁଲ ପ୍ରଧାନଶିକ୍ଷକ ନିରଞ୍ଜନ ମହାପାତ୍ର, ମାଲଗାଁ ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଥ ପାଢୀ, ଶିକ୍ଷୟିତ୍ରୀ, ଶିକ୍ଷକମାନେ ଉପସ୍ଥିତ ଥିଲେ।

## ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ବୈଠକ



ବୈଠକରେ ଉପସ୍ଥିତ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ।

**ଡାବୁଗାଁ,୭।୧୦(ଡି.ଏନ.ଏ)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ନବରଙ୍ଗପୁର ଜିଲା ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ଜିଲାସ୍ତରୀୟ ସ୍ୱତନ୍ତ୍ର ଅଧିବେଶନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଂଘ ସଭାପତି ପୁନିତିରାମ ଗଣ୍ଡ ଅଧ୍ୟକ୍ଷତା କରିଥିଲେ। ବାର୍ଦ୍ଧକ୍ୟ ଭତ୍ତା ଆବଣ୍ଟନରେ ସଂସ୍କାର, ଖାଉଟି ସାମଗ୍ରୀ ଆବଣ୍ଟନରେ ସଂସ୍କାର, ଅବସରପ୍ରାପ୍ତ ପରେ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପେନସନ ଲାଗୁ କରିବା, ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦବୀକୁ +୩ କରି କ୍ୟାଡର ରୁଲ ଭୁକ୍ତ କରିବା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ସଂଘ ସମ୍ପାଦକ ନିତ୍ୟାନନ୍ଦ ନାୟକ, କୋଷାଧ୍ୟକ୍ଷ କେ. ହୃଷୀକେଶ, ଉପାଧ୍ୟକ୍ଷ ଏ.ଡି. ପ୍ରସାଦ ଓ ଶିବଚନ୍ଦ୍ର ନାଗ, ରାଜ୍ୟ ସଂଘ ପ୍ରତିନିଧି ସଂଗ୍ରାମ ପଟ୍ଟନାୟକ ଓ କୈଳାଶ ଚନ୍ଦ୍ର ପାଣିଗ୍ରାହୀ ଏବଂ ଜିଲାର ୧୦ ଟି ବ୍ଲକର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଯୋଗ ଦେଇଥିଲେ। ଏଥିରେ ଡାବୁଗାଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଇନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ଦୁରିଆ ଓ ଖଗପତି ପୂଜାରୀ ପ୍ରମୁଖ ସହଯୋଗ କରିଥିଲେ।

## ରାଶନ କାର୍ଡ ବଣ୍ଟନ

**ତେନ୍ତୁଳିଖୁଣ୍ଟି,୭।୧୦(ଡି.ଏନ.ଏ)**

ତେନ୍ତୁଳିଖୁଣ୍ଟିରେ ବ୍ଲକସ୍ତରୀୟ ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅକ୍ଷମିତା କାର୍ତ୍ତିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ମନୋହର ରନ୍ଧାରୀ, ସମ୍ମାନିତ ଅତିଥି ଏମପି ବଳଭଦ୍ର ମାଝି ଯୋଗଦେଇ ୯୮୨ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରିଥିଲେ। ବଞ୍ଚିତ ହିତାଧିକାରୀଙ୍କୁ ଆସନ୍ତା ୧୫ ଦିନ ମଧ୍ୟରେ ରାଶନ କାର୍ଡ ଯୋଗାଇ ଦିଆଯିବ ବୋଲି ମୁଖ୍ୟ ଅତିଥି କହିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳ ଯୋଜନା ଓ ରେଳପଥ ପାଇଁ ଉଦ୍ୟମ ସମ୍ପର୍କରେ ଏମପି କହିଥିଲେ। ବିପ୍ଣଣୀ ନିରକ୍ଷକ ସୋମନାଥ ବଣିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ ଅଧ୍ୟକ୍ଷା ଦେବକୀ ନାୟକ, ବ୍ଲକ ଉପାଧ୍ୟକ୍ଷ ତନୟ ସାଗର ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁବାସ ଦାଶ, ନାରାୟଣ ପାତ୍ର, ଏସଇଓ ବଳରାମ ସୁନା, ଜିଲା ପରିଷଦ ସଭ୍ୟ ସୁଲୋଚନା ସୌରା, ଚମ୍ପାବତୀ ମୁଦୁଲି, ବ୍ଲକ ବିଜେଡି ସଭାପତି ପ୍ରଫୁଲ ନାଗ ଉପସ୍ଥିତ ଥିଲେ।

## କନଷ୍ଟେବଲଙ୍କ ବନ୍ଧୁମିଳନ



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ, ଏସ୍‌ପି ଓ କନଷ୍ଟେବଲମାନେ।

**ନବରଙ୍ଗପୁର,୭।୧୦(ବି.ପ୍ର.)**

୨୦୦୮ରେ ନବରଙ୍ଗପୁର ଠାରେ ନିଯୁକ୍ତି ପାଇଥିବା କନଷ୍ଟେବଲମାନଙ୍କ ୧୦ ବର୍ଷ ପୂର୍ତ୍ତି ଅବସରରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କକଡା କନାରି ଠାରେ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଡଃ. ଅଜିତ କୁମାର ମିଶ୍ର, ଏସପି ବିବେକାନନ୍ଦ ଶର୍ମା ଓ ଡିଏଫଓ ରଂଜିତ ମଲ୍ଲିକ, ସଂଘ ସଭାପତି ଗୌରୀଶଙ୍କର ମାଝି, ସମ୍ପାଦକ ସପନ ମିଶ୍ର ଯୋଗଦେଇଥିଲେ । ଏହି ଅବସରରେ ଶହୀଦ କନଷ୍ଟେବଲ ପ୍ରଶାନ୍ତ କୁମାର ପାତ୍ର ଓ ପୂର୍ବତନ ବିଧାୟକ ସ୍ୱର୍ଗତ ଜଗବନ୍ଧୁ ମାଝୀଙ୍କୁ ଶ୍ରଦ୍ଧାଞ୍ଜଳୀ ଦିଆଯିବା ସହ ସ୍ମୃତି ଚାରଣ କରିଥିଲେ।

## ଦୁର୍ଘଟଣାରେ ଜଣେ ଗୁରୁତର

**ନବରଙ୍ଗପୁର,୭।୧୦ (ବି.ପ୍ର)**

ପାପଡାହାଣ୍ଡି ବ୍ଲକ ନୂଆକୋଟ ପଞ୍ଚାୟତ ଦଶହରଭଟ୍ଟା ଗାଁର ଶରତ ଚନ୍ଦ୍ର ଜାଲ ସ୍କୁଟିରେ ଯାଉଥିବା ବେଳେ ପାତ୍ରୀ ନିକଟରେ ଏକ ଗାଈ ଗାଡି ସାମ୍ନାକୁ ଆସିଯିବାରୁ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତ୍ରା ସେହି ରାସ୍ତାରେ ଯାଉଥିବା ବେଳେ ଗୁରୁତର ଅବସ୍ଥାରେ ଶରତ ପଡିଥିବା ଦେଖି ଉଦ୍ଧାର କରି ନବରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।



■ ତହସିଲସ୍ତରୀୟ ମହିଳା ପତଞ୍ଜଳି ଯୋଗ ସମିତି ବୈଠକ

## ଦୀର୍ଘାୟୁ କରିଥାଏ ପ୍ରାଣାୟାମ

**ଉମରକୋଟ, ୭।୧୦(ଡି.ଏନ.ଏ)**



ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ତହସିଲ ସ୍ତରୀୟ ମହିଳା ପତଞ୍ଜଳି ଯୋଗ ସମିତି ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ହରିଦ୍ୱାର ପୀଠର ସ୍ୱାଧୀ ଦେବବ୍ରତା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମଚାରିଣୀ ହେମଲତା , ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜାନକୀ ପାଣିଗ୍ରାହୀ, ନବରଙ୍ଗପୁର ଜିଲା ପ୍ରଭାରି ଅଶୋକ ପ୍ରଧାନ ଏବଂ ଜଗନ୍ନାଥ ମନ୍ଦିରର ଦେବୋତ୍ତର କମିଟିର ସମ୍ପାଦକ ରାମ ନାୟକ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟଅତିଥି କହିଥିଲେ ଯେ ଶରୀରକୁ ସୁସ୍ଥ ରଖିବାକୁ ହେଲେ ସମସ୍ତ ମହିଳା ସକାଳେ ଏବଂ ସନ୍ଧ୍ୟାରେ ପ୍ରାଣାୟମ ଓ ଯୋଗାସନ କରିବା ଆବଶ୍ୟକ। ଏହି ପ୍ରାଣାୟମ ଯୋଗାସନ କରିବା ଦ୍ୱାରା ବହୁ ପ୍ରକାର ରୋଗରୁ ମୁକ୍ତ ହୋଇ ଦୀର୍ଘାୟୁ ହୋଇ ପାରିବ । ଦିନର ୧ଘଣ୍ଟା ଯୋଗ ପ୍ରାଣାୟମ କରିବାକୁ ନିବେଦନ କରିଥିଲେ । ମା' ମାନେ ସୁସ୍ଥ ରହିଲେ ପରିବାର ସୁଖ ଓ ସମୃଦ୍ଧି ହୋଇପାରିବ। ଯେଉଁମାନେ ଯୋଗାସନରୁ ଦୂରେଇ ରହିବେ ଭୋଗବିଳାସରେ ଜୀବନଯାପନ କରନ୍ତି ସେମାନେ ଶେଷରେ ବିଭିନ୍ନ ରୋଗାକ୍ରାନ୍ତରେ ପଡନ୍ତି। ମହିଳା ସମିତିର ପ୍ରଭାରୀ ଜୟନ୍ତୀ ବିଶୋଇ, ମହାମନ୍ତ୍ରୀ ପଙ୍କଜିନି ପଟ୍ଟନାୟକ, ସଙ୍ଗଠନ ମନ୍ତ୍ରୀ ଡାଳିମ୍ବ ମାଝି, କୋଷାଧକ୍ଷ ପଦ୍ମା ନାୟକ ଏବଂ କାର୍ଯ୍ୟକାରୀ ସଭ୍ୟ ଅର୍ଣ୍ଣପୂର୍ଣ୍ଣ ଜେନାଙ୍କୁ ଦାୟିତ୍ୱ ନ୍ୟସ୍ତ କରିଥିଲେ। ରାମଦେବ ବାବାଙ୍କ ସ୍ୱଦେଶୀ ବୀମା କାର୍ଡ କରିବାକୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କହିଥିଲେ। ନବରଙ୍ଗପୁର ଜିଲା ପ୍ରଭାରୀ ଅଶୋକ ପ୍ରଧାନ ଧନ୍ୟବାଦ ଦେଇଥିଲେ।





## ସଂକ୍ଷେପରେ



### ନାଳରେ କୁଢ଼କୁଢ଼ ଅଳିଆ ଅସ୍ୱାସ୍ଥ୍ୟକର ପରିବେଶକୁ ନେଇ ଅସନ୍ତୋଷ

ପାରଳାଖେମୁଣ୍ଡି, ୭।୧୦ (ସ୍ୱ.ପ୍ର.)
ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ରାଜଦାଣ୍ଡ ମୁଖ୍ୟରାସ୍ତା ପାର୍ଶ୍ୱସ୍ଥ ନାଳରେ କୁଢ଼ କୁଢ଼ ଅଳିଆ ଜମି ରହିବା ଯୋଗୁ ଏଠାରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ନୂତନଭାବେ ଏହି ନାଳ ନିର୍ମାଣ କରାଯାଇଥିବାବେଳେ ଏହାର କିଛି ସ୍ଥାନରେ କଂକ୍ରିଟ ଢାଙ୍କୁଣୀ ପଡିଥିବା ଅନେକ ସ୍ଥାନ ଖୋଲା ରହିଛି। ରାସ୍ତା ଉପରୁ କୁଢ଼କୁଢ଼ ଅଳିଆ ଖସିଆସି ନର୍ଦ୍ଦମାରେ ପଡୁଛି। ଅନ୍ୟପକ୍ଷରେ ନାଳକୁ ସଫା କରାଯାଉ ନ ଥିବାରୁ ତାହା ନର୍ଦ୍ଦମାରେ ଭର୍ତ୍ତି ହୋଇ ରହୁଛି। ଏହା ସହରର ଏକ ମୁଖ୍ୟ ଏବଂ ବ୍ୟସ୍ତବହୁଳ ରାସ୍ତା ହୋଇଥିବାବେଳେ ଏହି ସ୍ଥାନରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ଏହାର ସମାଧାନ ପାଇଁ ଅଞ୍ଚଳବାସୀ ନିବେଦନ କରିଛନ୍ତି।

### ସେବା, ସ୍ୱଚ୍ଛତା କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି, ୭।୧୦ (ସ୍ୱ.ପ୍ର.)
ପାରଳାଖେମୁଣ୍ଡି ରାଜୁଗୁରୁ ସାହିସ୍ଥିତ ପରିଚ୍ଛା ମଠ ପରିସରରେ ମନ୍ଦିରର ପୂଜକ ହରେରାମ କୃଷ୍ଣ ଚୌଧୁରୀଙ୍କ ତତ୍ତ୍ୱାବଧାନ ଏବଂ ସ୍ୱାମୀ ମୁକୁନ୍ଦାନନ୍ଦଙ୍କ ନିର୍ଦ୍ଦେଶକ୍ରମେ ବାଲ୍ମୁକୁନ୍ଦ କେନ୍ଦ୍ର ପକ୍ଷରୁ ସେବା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାମଚନ୍ଦ୍ର ମହାପାତ୍ର ଯୋଗଦେଇ ସାମାଜିକ କର୍ମୀ ଭୁବନେଶ୍ୱର ପରିଚ୍ଛା ଏବଂ ଗୋପୀନାଥ ନନ୍ଦଙ୍କ ସ୍ମୃତିଚାରଣ କରିଥିଲେ। ସାମାଜିକ କର୍ମୀମାନେ ପୋଷ୍ଟକାର୍ଡ ବଣ୍ଟନ କରି ଏହାର ବ୍ୟବହାର ସମ୍ବନ୍ଧରେ ଶିଶୁମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଜ୍ୟୋତି ଚୌଧୁରୀ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ସମ୍ବନ୍ଧରେ କହିଥିଲେ। ଯୋଗଗୁରୁ ଲକ୍ଷ୍ମୀ ଚରଣ ପଟ୍ଟନାୟକ ପିଲାମାନଙ୍କୁ ଯୋଗାଭ୍ୟାସ କରାଇଥିଲେ।

### ପ୍ରାଧ୍ୟାପକ ପ୍ରକାଶଙ୍କ ସ୍ମୃତିସଭା

ପାରଳାଖେମୁଣ୍ଡି, ୭।୧୦ (ସ୍ୱ.ପ୍ର.) - ପାରଳାଖେମୁଣ୍ଡି ଗୌରହରି ପାଠାଗାର ପରିସରରେ ଓ.ୟୁ.ଏ.ଟି.ର ପୂର୍ବତନ ଡିନ୍ ତଥା ପ୍ରାଧ୍ୟାପକ ପ୍ରକାଶ ଚନ୍ଦ୍ର ପରିଚ୍ଛାଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଗତ ୩ତାରିଖ ଦିନ ଭୁବନେଶ୍ୱରସ୍ଥିତ ବାସଭବନରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଗୌରହରି ପାଠାଗାର ପକ୍ଷରୁ ସଭାପତି ରମେଶ ଚନ୍ଦ୍ର ପାଢ଼ୀ ଓ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ପାଣିଗ୍ରାହୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ପାରଳାଖେମୁଣ୍ଡି ଗୋପିନି ସାହିର ସ୍ୱର୍ଗତ ଶ୍ରୀନିବାସ ପରିଚ୍ଛାଙ୍କ ଜ୍ୟେଷ୍ଠପୁତ୍ର ଥିଲେ। ଗୌରହରି ପାଠାଗାର ପ୍ରତିଷ୍ଠା ଦିଗରେ ତାଙ୍କର ଅତୁଳନୀୟ ଅବଦାନ ଥିଲା। ତାଙ୍କ ବିୟୋଗରେ ପାରଳାଖେମୁଣ୍ଡି ଜଣେ କୃଷି ବିଶେଷଜ୍ଞ, ପରୋପକାରୀଙ୍କୁ ହରାଇଲା ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ।

# ରାୟଗଡ଼ରେ ଖାଉଟି କାର୍ଡ ବଣ୍ଟନ ଉତ୍ସବ

ରାୟଗଡ଼(ଗଜପତି), ୭।୧୦(ଡି.ଏନ୍.ଏ.)

ଗଜପତି ଜିଲା ରାୟଗଡ଼ ବ୍ଲକ ସଦରସ୍ଥିତ ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ରବିବାର ଖାଉଟି କାର୍ଡ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଜନା ଓ ସମନ୍ୱୟ, ବିକାଶ ଦକ୍ଷତା, ବୈଷୟିକ ଶିକ୍ଷା ମନ୍ତ୍ରୀ ଉଷାଦେବୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଅନ୍ତର୍ଯାମି ଗମାଙ୍ଗ, ବ୍ରହ୍ମପୁର ଏମ୍‌ପି ସିଦ୍ଧାନ୍ତ ମହାପାତ୍ର, ମୋହନା ବିଧାୟିକା ବାସନ୍ତି ମଲ୍ଲିକ, ଜିଲା ପରିଷଦ ଉପାଧ୍ୟକ୍ଷ ଆର. ବିଜୟ କୁମାର, ଜିଲାପାଳ ଅନୁପମ ସାହା, ପ୍ରକଳ୍ପ ନିର୍ଦ୍ଦେଶକ ବୀରେନ୍ଦ୍ର କର୍କରା, ଯୋଜନା ବୋର୍ଡ ଅଧ୍ୟକ୍ଷ ରାମଚନ୍ଦ୍ର ପଣ୍ଡା, ପୂର୍ବତନ ମନ୍ତ୍ରୀ ପ୍ରଦୀପ ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷ ଧନେଶ୍ୱର ଭୂୟାଁ, ଜିଲା ସଭାପତି ପ୍ରଦୀପ ନାୟକ, ବ୍ଲକ ସଭାପତି ଲକ୍ଷ୍ମଣ ଶବର, ସାଧାରଣ ସମ୍ପାଦକ ଜ୍ୟୋତି ପ୍ରସାଦ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ୨୧ ପଞ୍ଚାୟତର ପ୍ରାୟ ୧୫୦୯ ଜଣ ହିତାଧିକାରୀ ଆବେଦନ କରିଥିବା ବେଳେ ୭୫୮ ଜଣଙ୍କୁ ଚୟନ କରାଯାଇଛି। ସେଥିମଧ୍ୟରୁ ପ୍ରାୟ ୪୦ ଜଣ ହିତାଧିକାରୀଙ୍କୁ ମନ୍ତ୍ରୀ ଉଷାଦେବୀ କାର୍ଡ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବିଡିଓ ନୃସିଂହ ଚରଣ ସେଠୀ ପରିଚାଳନା କରିଥିବା ବେଳେ ବିଜୁ ଯୁବ ବାହିନୀ ଏଥିରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

▪ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

# ସୁସ୍ଥ ପରିବେଶ ପାଇଁ ମାନସିକ ପରିବର୍ତ୍ତନ ଜରୁରୀ

ପାରଳାଖେମୁଣ୍ଡି, ୭।୧୦ (ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ଅନ୍ନପୂର୍ଣ୍ଣା ନଗରରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଚେତନତା ଶୋଭାଯାତ୍ରା, ସଭା, ଚାରାରୋପଣ, ତର୍କ ପ୍ରତିଯୋଗିତା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶୋଭାଯାତ୍ରାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଅନ୍ନପୂର୍ଣ୍ଣା ନଗରବାସୀ, ଜଙ୍ଗଲ ବିଭାଗ କର୍ମଚାରୀ ସାମିଲ ହୋଇ ସହର ପରିକ୍ରମା କରିଥିଲେ। ପରେ ଏକ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ସାହିର ମହିଳା ଓ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ। ପରେ ଦେବଗିରି ବନାଞ୍ଚଳ ରେଞ୍ଜ ଅଧିକାରୀ ଏମ୍.ନରସିଂହମ୍‌ଙ୍କ ତତ୍ତ୍ୱାବଧାନରେ ଏକ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବନ କର୍ମଚାରୀ ସନ୍ତୋଷ ସାହୁ, ସନ୍ତୋଷ ପରିଚ୍ଛା, ଏମ୍. ନିରଞ୍ଜନ, ବାବୁଲା ପଟ୍ଟନାୟକ, ଧରଣୀଧର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ବିନୋଦ ବିହାରୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଭାରେ ବରିଷ୍ଠ ସାହିତ୍ୟିକ ତଥା ଗବେଷକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଅତିଥିଭାବେ ଯୋଗ ଦେଇଥିଲେ। ପରିବେଶକୁ ସୁସ୍ଥ ଓ ସୁନ୍ଦର ରଖିବାକୁ ହେଲେ ନିଜ ମାନସିକତାରେ ପରିବର୍ତ୍ତନ ଆଣିବା ଦରକାର ବୋଲି ବିଭିନ୍ନ ବକ୍ତା ମତ ରଖିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ନଳିନୀ କୁମାରୀ ସାବତ, ସାମାଜିକ କର୍ମୀ ରବିନାରାୟଣ ପାଢ଼ୀ, ନିୟତି ଅନୁଷ୍ଠାନ ନିର୍ଦ୍ଦେଶକ ବିଚିତ୍ରାନନ୍ଦ ବେବର୍ତ୍ତା, ନୃସିଂହ ଚରଣ ମିଶ୍ର ଉପସ୍ଥିତଥିଲେ।


ଅଞ୍ଚଳବାସୀଙ୍କ ପକ୍ଷରୁ ଚାରାରୋପଣ କରାଯାଉଛି।

▪ ନିର୍ବାଚିତ ମହିଳା ପ୍ରତିନିଧିଙ୍କ ବିକାଶ କର୍ମଶାଳା

# ବିକାଶ କାର୍ଯ୍ୟକ୍ରମରେ ମହିଳା ସାମିଲ ହେଲେ ଉନ୍ନତି ହେବ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ପାରଳାଖେମୁଣ୍ଡି, ୭।୧୦ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ପଞ୍ଚାୟତର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମରେ ନିର୍ବାଚିତ ମହିଳା ପ୍ରତିନିଧିମାନଙ୍କ ଭୂମିକା, କର୍ତ୍ତବ୍ୟ ଏବଂ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ବନ୍ଧିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହିଳା ବିକାଶ ପ୍ରତିଷ୍ଠାନ ପକ୍ଷରୁ ସିଙ୍ଗର ପ୍ରୋଜେକ୍ଟ ଇଣ୍ଡିଆ ସହାୟତାରେ କାର୍ଯ୍ୟକ୍ରମ କରାଯାଇଛି। ମହିଳା ବିକାଶ ପ୍ରତିଷ୍ଠାନର ମୁଖ୍ୟ ତଥା ସମ୍ପାଦିକା ମିନତି ପାଢ଼ୀ ସଭାପତିତ୍ୱ କରିଥିବାବେଳେ ଭାଗ୍ୟଲକ୍ଷ୍ମୀ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରତିନିଧିମାନେ କିପରି ସେମାନଙ୍କର ନେତୃତ୍ୱର ବିକାଶ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିପାରିବେ, ସେ ବିଷୟରେ ଆଲୋଚନା ହୋଇଥିଲା। ଅଞ୍ଚଳର ପ୍ରତ୍ୟେକ ବିକାଶମୂଳକ କାର୍ଯ୍ୟରେ ମହିଳା ପ୍ରତିନିଧିମାନେ ସାମିଲ ହୋଇପାରିଲେ ଅଞ୍ଚଳର ଉନ୍ନତି ହେବ। ଏପରି ହେଲେ ମହିଳା ସଂରକ୍ଷଣ ବ୍ୟବସ୍ଥାର ମୂଳ ଲକ୍ଷ୍ୟ ସାଧିତ ହୋଇପାରିବ ବୋଲି ବିଭିନ୍ନ ଅତିଥି ମତ ରଖିଥିଲେ। ସେହିପରି ବିଭିନ୍ନ ମହିଳା ପଞ୍ଚାୟତ ପ୍ରତିନିଧିମାନେ ସେମାନଙ୍କୁ ମିଳୁଥିବା ଭତ୍ତା ବୃଦ୍ଧି ହୋଇପାରିଲେ ସେମାନେ ଅଧିକ ସକ୍ରିୟ ଭାବେ କାର୍ଯ୍ୟ କରିପାରିବେ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଦ୍ୱିଜେନ୍ ପାଢ଼ୀ, ଗରୁଡଧ୍ୱଜ ଚୌଧୁରୀ, ଅଲିଭା ମହିଳା ସଂଘର ମୁଖ୍ୟ ପ୍ରତିମା ବିଶ୍ୱାଳ, ଆର୍.ଉଦୟଗିରି ଅଲିଭା ମହାସଂଘର ଅଭାଗିନୀ ମାଳୀ, ନଟବର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଷ୍ଠାନର ନିର୍ମଳା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ହାଇକୋର୍ଟରେ ଅଚଳାବସ୍ଥା: ଅନଶନ କରିବେ କଏଦୀ

ବାଲିଗୁଡ଼ା, ୭।୧୦(ଡି.ଏନ୍.ଏ.)

ବାଲିଗୁଡ଼ା ସବ୍‌ଜେଲ୍‌ରେ ଥିବା କଏଦୀମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଆଇନଜୀବୀଙ୍କ ଆନ୍ଦୋଳନ ଜାରି ରହିଥିବା ଯୋଗୁ ସେମାନଙ୍କ ବିଚାର ହୋଇପାରୁନାହିଁ। ତେଣୁ କଏଦୀମାନେ ଅନଶନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସେମାନେ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଶୁକ୍ରବାର ଲିଖିତ ଭାବେ ଜଣାଇଛନ୍ତି। ସୂଚନାଯୋଗ୍ୟ, ସବ ଜେଲର କେତେଜଣ କଏଦୀ ନ୍ୟାୟ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତେବେ ଜଣେ ଆଇନଜୀବୀଙ୍କୁ ପୋଲିସର ମାଡ଼ ଘଟଣାକୁ ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଥିବାରୁ ଦୀର୍ଘଦିନ ହେଲା ହାଇକୋର୍ଟରେ ଅଚଳାବସ୍ଥା ଲାଗି ରହିଛି। ତେଣୁ କଏଦୀମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ସନ୍ଦୀପ କୁମାର ସଏ କହିଛନ୍ତି, କଏଦୀମାନେ ଏକ ଦାବିପତ୍ର ଦେଇଛନ୍ତି, ତାହା ହାଇକୋର୍ଟକୁ ପଠାଇଦେବି।

## ଆର୍.କେ. ହଷ୍ଟେଲରେ ଅଣ ଛାତ୍ର, ପୋଲିସର ଚଢ଼ାଉ

ବ୍ରହ୍ମପୁର ଅଫିସ,୭।୧୦

ବ୍ରହ୍ମପୁର ଖଲ୍ଲିକୋଟ କଲେଜ ଆର.କେ.ହଷ୍ଟେଲରେ ଅଣ ଛାତ୍ରଙ୍କ ପ୍ରବେଶ ଅଭିଯୋଗକୁ ଭିତ୍ତିକରି ରବିବାର ଟାଉନ ଥାନା ପୋଲିସ ଚଢାଉ କରିଥିଲା। ପୋଲିସ ପହଞ୍ଚିବା ପରେ ପରିସ୍ଥିତିରେ ସୁଧାର ଆସିଥିଲା। ପ୍ରକାଶଯେ, ରବିବାର ସକାଳ ପ୍ରାୟ ୯ଘଣ୍ଟ ୩୦ରେ ହଷ୍ଟେଲ ଭିତରକୁ କେତେକ ଛାତ୍ର ଭଲିବଲ ଖେଳିବା ବାହାନାରେ ପ୍ରବେଶ କରିଥିଲେ। ତେବେ ପୂର୍ବରୁ ସେଠାରେ ଥିବା ପୋଲିସ ମନା କରିବାରୁ ଯୁକ୍ତି ବଢିଥିଲା । ଟାଉନ ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଅଣ ଛାତ୍ରମାନଙ୍କୁ ପୋଲିସ ତଡିଥିଲା । ଏ ମାନେ ଖଲ୍ଲିକୋଟ କଲେଜ ଛାତ୍ର ହୋଇଥିବା ବେଳେ ସେମାନେ ଆର୍.କେ. ହଷ୍ଟେଲରେ ରହୁନାହାନ୍ତି । ଆଗକୁ ଛାତ୍ର ସଂସଦ ନିର୍ବାଚନ ଥିବାରୁ ହଷ୍ଟେଲ ମଧ୍ୟକୁ ଯାଇ ଯେପରି କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ କରନ୍ତି ସେଥିପ୍ରତି ପୋଲିସ ସଜାଗ ହୋଇ ଉଭୟ କଲେଜ ଏବଂ ହଷ୍ଟେଲରେ ଛାଉଣୀ ହୋଇ ରହିଛି । । ସେମାନଙ୍କର ସମସ୍ତ ତଥ୍ୟ ହାସଲ କରି ଛାଡିଥିଲା ବୋଲି ଟାଉନଥାନା ଆଇଆଇସି ନୀହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି ।

# ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ପାରଳାଖେମୁଣ୍ଡି, ୭।୧୦ (ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ଜିଲା ପ୍ରଶାସନ ପକ୍ଷରୁ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୫-୧୮ ବର୍ଷ ବୟସ୍କ ମଧ୍ୟରେ ଥିବା ଦିବ୍ୟାଙ୍ଗ ଓ ସାଧାରଣ ଛାତ୍ରୀଛାତ୍ରଙ୍କ ପାଇଁ ପୃଥକଭାବେ ଏହି ପ୍ରତିଯୋଗିତା କରାଯାଉଛି। ପ୍ରତିଯୋଗିତାରେ ଜିଲାର ସମସ୍ତ ବ୍ଲକର ବିଭିନ୍ନ ବିଦ୍ୟାଳୟର ୯୯ଜଣ ସାଧାରଣ ଏବଂ ୧୪ ଜଣ ଦିବ୍ୟାଙ୍ଗ ପ୍ରତିଯୋଗୀ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଜିଲାସ୍ତରରେ ପୁରସ୍କୃତ କରାଯାଇ ସେମାନଙ୍କ ଚିତ୍ରକୁ ରାଜ୍ୟସ୍ତରକୁ ପଠାଯିବ। ରାଜ୍ୟସ୍ତରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟଭାବେ ମନୋନୀତ ହୋଇଥିବା ଚିତ୍ରଗୁଡ଼ିକୁ ଜାତୀୟସ୍ତରକୁ ପଠାଯିବ। ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୀମାଞ୍ଚଳ ବେହେରା, ମୁରଲୀଧର ପରିଚ୍ଛା ବଳରାମ ବେହେରା ବିଚାରକ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିଶୁ ସୁରକ୍ଷା ୟୁନିଟ ଏବଂ ଜିଲା ଚାଇଲ୍ଡଲାଇନର ସଦସ୍ୟମାନେ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଭାଗ ନେଇଥିବା ପ୍ରତିଯୋଗୀ।

## ଚୋରି ଘଟଣାରେ ୨ ଗିରଫ



ବାଲିଗୁଡ଼ା,୭।୧୦(ଡି.ଏନ୍.ଏ.): ତୁମୁଡ଼ିବନ୍ଧ ବ୍ଲକ ବେଲଘର ଥାନା ପୋଲିସ ଏକ ଚୋରି ଘଟଣାରେ ୨ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଛି। ସେମାନେ ହେଲେ ଗୌତମ ନାୟକ ଏବଂ ବସନ୍ତ ଛତ୍ରିଆ। ୧ ତାରିଖରେ ବେଲଘର କେକେଡିଏ କଲୋନୀ ନିବାସୀ ତଥା ଠିକାଦାର ରାଜେଶ କୁମାର ପୃଷ୍ଟିଙ୍କ ଗୋଦାମରୁ ଅଢ଼େଇ କୁଇଣ୍ଟାଲ୍ ଲୁହାଛଡ଼ ଚୋରି ହୋଇଥିଲା। ଏ ନେଇ ଠିକାଦାର ପୃଷ୍ଟି ବେଲଘର ଥାନାରେ ଏତଲା ଦେଇଥିଲେ। ନଂ.୨୨/୧୮ରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଥାନା ଅଧିକାରୀ ଦଶରଥ ହେମ୍ବ୍ରମଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ଉକ୍ତ ଗ୍ରାମରୁ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ପୋଲିସ୍ ଖୋଜୁଛି।

# ଅବ୍ୟବସ୍ଥାରେ ଲିଙ୍ଗିପୁର ସେବାଶ୍ରମ ବିଦ୍ୟାଳୟ

ଗୋଷାଣି,୭।୧୦(ଡି.ଏନ୍.ଏ.)

ଶିକ୍ଷାର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରୁଛନ୍ତି। କିନ୍ତୁ ସେ ସବୁ ବିଭିନ୍ନ ଜାଗାରେ ଅପହଞ୍ଚ। କେଉଁଠି ଶିକ୍ଷକ ଅଭାବ ରହୁଛି, କେଉଁଠି ଶ୍ରେଣୀଗୃହ ନାହିଁ । ଏହି ସବୁ ସମସ୍ୟା ମଧ୍ୟରେ ଗତି କରୁଛି ଗଜପତି ଜିଲା ଗୋଷାଣି ବ୍ଲକ ରମା ପଞ୍ଚାୟତର ଲିଙ୍ଗିପୁର ଗ୍ରାମସ୍ଥିତ ସେବାଶ୍ରମ ବିଦ୍ୟାଳୟ।

ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ୧୨୦ ଜଣ ଛାତ୍ରୀ ପଢୁଥିବାବେଳେ ଅଛନ୍ତି ମାତ୍ର ୨ଜଣ ଶିକ୍ଷକ। ଏହାଛଡା ସେମାନଙ୍କ ପାଇଁ ଆବଶ୍ୟକ ଆବଶ୍ୟକ ଶ୍ରେଣୀଗୃହ ମଧ୍ୟ ନାହିଁ। ମୋଟ ଛାତ୍ରୀଙ୍କ ମଧ୍ୟରୁ ୧୦୨ ଜଣ ସ୍କୁଲ ହଷ୍ଟେଲରେ ରହୁଛନ୍ତି। ହଷ୍ଟେଲ ଚାରିପଟରେ ପାଚେରି ମଧ୍ୟ ନାହିଁ। ଅସାମାଜିକ ଲୋକେ ପଶିବାର ଭୟ ମଧ୍ୟ ରହୁଛି। ପାଚେରି ନ ଥିବାରୁ ଅନ୍ତେବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।




▪ ୧୨୦ ପିଲାଙ୍କୁ ୨ ଶିକ୍ଷକ
▪ ହଷ୍ଟେଲରେ ନାହିଁ ପାଚେରି

ପାଚେରି ନିର୍ମାଣ ପାଇଁ ବାରମ୍ବାର ଦାବି କରି ଆସୁଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ପାଚେରି ନିର୍ମାଣ ହୋଇପାରି ନାହିଁ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ସେଥିପାଇଁ ଅଭିଭାବକ ଓ ଗ୍ରାମବାସୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଶିକ୍ଷକ ସଂଖ୍ୟା ବୃଦ୍ଧି କରିବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ବାରମ୍ବାର ନିବେଦନ କଲେ ମଧ୍ୟ ତାହା ପୂରଣ ହୋଇ ପାରୁନି। ଏ ନେଇ ଡିଡବ୍ଲ୍ୟୁଓ ସନ୍ତୋଷ ରଥଙ୍କୁ ପଚାରିବାରୁ ସେ କହିଛନ୍ତି, ପାଚେରି ପାଇଁ ଅନୁଦାନ ଆସିଛି, ଯଥାଶୀଘ୍ର ବିଜ୍ଞପ୍ତି ପ୍ରକାଶ କରି ଏହା ନିର୍ମାଣ କରାଯିବ ।

## ସଂକ୍ଷେପରେ



### ୫୬୨ ପରିବାରକୁ ମିଳିଲା ଖାଦ୍ୟ ସୁରକ୍ଷା କାର୍ଡ

**ଚନ୍ଦ୍ରପୁର, ୭।୧୦ (ଡି.ଏନ୍.ଏ.):** ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ରବିବାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୫୬୨ ପରିବାରକୁ କାର୍ଡ ବଣ୍ଟନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୬୪୫ ଜଣ ସଭ୍ୟ ଆବେଦନ କରିଥିଲେ। ସେଥିମଧ୍ୟରୁ ୩୧ ପରିବାର ବାଦ୍ ପଡିଛନ୍ତି। ୨୧୬ ଜଣ ପୁନର୍ବାର ଆଧାର ଓ ଅନ୍ୟାନ୍ୟ ନଥିପତ୍ର ଯାଞ୍ଚ ପରେ ସେମାନଙ୍କୁ ତାଲିକାଭୁକ୍ତ କରାଯିବ ବୋଲି ଚନ୍ଦ୍ରପୁର ବ୍ଲକ ଯୋଗାଣ ନିରୀକ୍ଷକ ମାନସ କୁମାର ଜେନା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚନ୍ଦ୍ରପୁର ବ୍ଲକ ଅଧ୍ୟକ୍ଷା ସଙ୍ଗିତା ପ୍ରତିଙ୍ଗା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡ଼ିଓ ଜର୍ଜ ତୁଙ୍ଗତୁଙ୍ଗ, ବ୍ଲକ ଉପାଧ୍ୟକ୍ଷା ରେଣୁବାଳା ଭାଟ, ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ବେହେରା, ଚନ୍ଦ୍ରପୁର ସରପଞ୍ଚ ସୁଜିତ ବ୍ରେଡେକା, ବିଧାୟକ ପ୍ରତିନିଧି ମାଙ୍ଗଲା ଦିବାକା, ସରପଞ୍ଚ କାଉମୁନି, ଧାନୁ ମାଝି କୁମୁରୁକା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଲେଓ୍ୱାର ଜେନା, ଏପିଓ ବିନୟ କୁମାର ପାଣି, ଜିପିଇଓ ଭାବେ ଶବର ମାନସ କୁମାର ଜେନା, ଓଡ଼ିଶା ଜୀବିକା ମିଶନର ସଂଯୋଜକ ଶ୍ରବଣ କୁମାର ସିଂ, ସୁବାସ ମାଝି, ଟଙ୍ଗଡା ଦିବିକା ପ୍ରମୁଖ ଉପସ୍ଥିତ ଥିଲେ।

### ହିତାଧିକାରୀଙ୍କୁ କାର୍ଡ, ଚାଉଳ ବଣ୍ଟନ



**ରାୟଗଡା ଅଫିସ୍, ୭।୧୦:** ରାୟଗଡା ସଦର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୪୦୦ ନୂତନ ହିତାଧିକାରୀଙ୍କୁ କାର୍ଡ ଓ ଚାଉଳ ବଣ୍ଟନ କରାଯାଇଛି। ବ୍ଲକ୍‌ସ୍ତରୀୟ ସମାବେଶରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଲାଲ୍‌ବିହାରୀ ହିମିରିକା, ପଞ୍ଚାୟତ ସମିତି ଅଧ୍ୟକ୍ଷ ପେଦେଣ୍ଟି ରାମୁଲୁ, ଜିଲା ପରିଷଦ ସଭ୍ୟ ଅମ୍ବିକା ବିଡିକା, ପି.ଗୌରୀ ଶଙ୍କର, ଗଙ୍ଗାଧର ପୁଆଲା ଅତିଥି ରୂପେ ଯୋଗ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୃସିଂହଚରଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହକାରୀ ଜିଲା ଯୋଗାଣ ଅଧିକାରୀ ମୁରଲୀ ରାଓ ଓ ବ୍ଲକ୍ ଯୋଗାଣ ଅଧିକାରୀ ସିଲକି ରେସମା ଦାସଙ୍କ ସମେତ ୨୮ଟି ପଞ୍ଚାୟତର ସମସ୍ତ ସରପଞ୍ଚ,ସମିତିସଭ୍ୟ ଯୋଗ ଦେଇଥିଲେ।

### ଅବକାରୀ ବିଭାଗ କନଷ୍ଟେବଲଙ୍କୁ ମରଣାନ୍ତକ ଆକ୍ରମଣ



**ରାୟଗଡା ଅଫିସ୍, ୭।୧୦:** ରାୟଗଡା ଅବକାରୀ ବିଭାଗରେ କାର୍ଯ୍ୟରତ କନଷ୍ଟେବଲ ଭାସ୍କର କିଲାଡାଙ୍କୁ ଗତ ଶନିବାର ରାତିରେ ଜଣେ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଛନ୍ତି। ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କର ମୁଣ୍ଡ, ହାତ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି। ଘଟଣାରୁ ପ୍ରକାଶ ଯେ, ରାତିରେ ଭାସ୍କର ବିଦ୍ୟାନଗର ଦ୍ୱିତୀୟ ଲାଇନ୍‌ରେ ଥିବା ନିଜ ଘରକୁ ଯାଉଥିଲେ। ବାଇକ୍ ରଖି ଘରକୁ ପ୍ରବେଶ କରିବା ସମୟରେ ପୂର୍ବରୁ ଲୁଚି ରହିଥିବା ଜଣେ ଦୁର୍ବୃତ୍ତ ହଠାତ୍ କାତିରେ ତାଙ୍କୁ ଆକ୍ରମଣ କରିଥିଲେ। ସେ ଚିତ୍କାର କରିବାରୁ ତାଙ୍କ ପାଟିଶୁଣି ପରିବାର ଲୋକେ ଓ ପଡୋଶୀ ବାହାରକୁ ଆସିବାରୁ ଦୁର୍ବୃତ୍ତ ଜଣକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତେବେ କିଏ ଓ କାହିଁକି ଏହି ଆକ୍ରମଣ କରିଛି ତାହା ଜଣାପଡିପାରିନାହିଁ। ସୂଚନାପାଇ ଜିଲାପାଳ ଗୁହା ପୁନମ ତାପସ କୁମାର, ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆର, ଜିଲା ଅବକାରୀ ଅଧୀକ୍ଷକ ଦଣ୍ଡପାଣି ବେହେରା ଚିକିତ୍ସାଳୟକୁ ଯାଇ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ଆକ୍ରମଣକାରୀଙ୍କୁ ଚିହ୍ନଟ କରି ତୁରନ୍ତ ଧରିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି।

## ■ ସିଆରପିଏଫ୍ ଆଇଜିଙ୍କ ମୁନିଗୁଡ଼ା ଗସ୍ତ

# ମାଓବାଦୀ ଦମନକୁ ମୂଳପୋଛ କରିବା ନେଇ ଆଲୋଚନା

**ମୁନିଗୁଡ଼ା,୭।୧୦(ଡି.ଏନ୍.ଏ.)**

ଭୁବନେଶ୍ୱର ଓଡ଼ିଶା ସେକ୍ଟର ସିଆରପିଏଫ୍ ଆଇଜି ଓ୍ୱେଲ କୁମାର ରବିବାର ମୁନିଗୁଡ଼ା ଗସ୍ତ କରିଛନ୍ତି। ସେ ରାୟଗଡାରେ ଥିବା ୮ମ ବାଟାଲିୟନ ସିଆରପିଏଫ୍ କ୍ୟାମ୍ପକୁ ଆସି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ପରେ ହେଲିକପ୍ଟର ଯୋଗେ ମୁନିଗୁଡ଼ା ଯାଇଥିଲେ। ସିଆରପିଏଫ୍ ପଡିଆରେ ଅବତରଣ କରିବା ପରେ ମୁନିଗୁଡା ୮ମ ବାଟାଲିୟନ ସିଆରପିଏଫ୍ କମାଣ୍ଡାଣ୍ଟ ଏନ୍.କେ. ସିଂ ଓ ଡେପୁଟି କମାଣ୍ଡାଣ୍ଟ ବୃଷବ ମେହେର ତାଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ସିଆରପିଏଫ୍ କ୍ୟାମ୍ପଠାରେ ପହଞ୍ଚି ସେଠାରେ ଯବାନମାନଙ୍କ ସହ ଅଞ୍ଚଳରେ ଚାଲିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏଥିସହ ବିଭିନ୍ନ କୌଶଳ ସମ୍ପର୍କରେ ପଚାରି ବୁଝିଥିଲେ। ସିଆରପିଏଫ୍ ସମ୍ମିଳନୀ କକ୍ଷରେ ସିଆରପିଏଫ୍‌ର ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ କରିଥିଲେ। ମୁନିଗୁଡ଼ା ନିକଟସ୍ଥ ଝିଲିଗୁଡାଠାରେ ନୂତନ ଭାବେ ତିଆରି ହେଉଥିବା ସିଆରପିଏଫ୍ କ୍ୟାମ୍ପକୁ ପରିଦର୍ଶନ କରିଥିଲେ। ଉକ୍ତ ଅଞ୍ଚଳ ମାଓବାଦୀ ପ୍ରବଣ ଅଞ୍ଚଳ ହୋଇଥିବାରୁ ମୁନିଗୁଡା, ଚନ୍ଦ୍ରପୁର, ରାଇବିଜ ଓ ଡାଙ୍ଗସୋରଡାଠାରେ ଥିବା ସିଆରପିଏଫ୍ କ୍ୟାମ୍ପକୁ ଯାଇ କିପରି ମାଓବାଦୀ ଦମନକୁ ମୂଳପୋଛ କରାଯାଇପାରିବ ସେ ନେଇ ଯବାନମାନଙ୍କ ସହ ଆଲୋଚନା କରିଥିଲେ। ଆହୁରି ଅଧିକ ଶକ୍ତିଶାଳୀ ହୋଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଗସ୍ତ ବେଳେ ମୁନିଗୁଡା ଆଇଆଇସି ଯଶବନ୍ତ ହିଆଲ, ତହସିଲଦାର ଫେର୍ନେନାଣ୍ଡ ଏକ୍କା, ଫାୟାର ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନଙ୍କ ସମେତ ଡାକ୍ତରୀ ଦଳ, ଦମକଳ ବାହିନୀ ପ୍ରମୁଖ ଉପସ୍ଥିତ ଥିଲେ।



ସିଆରପିଏଫ ଆଇଜିଙ୍କୁ ସ୍ୱାଗତ କରାଯାଉଛି।

## ■ ଭିଜିଲାନ୍ସ ଦ୍ୱାରା କନିଷ୍ଠଯନ୍ତ୍ରୀ ଧରାପଡିବା ଘଟଣା

# କାର୍ଯ୍ୟାଳୟ ତାଜାରୁ ମିଳିଲା ଟଙ୍କା

**ରାୟଗଡା ଅଫିସ୍, ୭।୧୦**

ରାୟଗଡା ପୌର ପରିଷଦ କନିଷ୍ଠଯନ୍ତ୍ରୀ ରଶ୍ମିରଞ୍ଜନ ବେହେରା ଶନିବାର ଜଣେ ଠିକାଦାରଙ୍କଠାରୁ ୫୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ହେଲେ ଲାଞ୍ଚ ଟଙ୍କାକୁ ଭିଜିଲାନ୍ସ ଉଦ୍ଧାର କରି ପାରି ନ ଥିଲା। ବହୁ ଖୋଜାଖୋଜି କରିବା ପରେ ବିଳମ୍ବିତ ରାତିରେ ଭିଜିଲାନ୍ସ ଅଧିକାରୀମାନେ ପୌର ପରିଷଦ କାର୍ଯ୍ୟାଳୟ ତାଜାରୁ ଉକ୍ତ ଟଙ୍କାକୁ ଜବତ କରିଥିଲେ। ଏନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ କରାଯିବା ସହିତ ରବିବାର କନିଷ୍ଠଯନ୍ତ୍ରୀ ରଶ୍ମିରଞ୍ଜନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ କୋର୍ଟଚାଲାଣ କରାଯାଇଥିବା ରାୟଗଡା ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଠିକାଦାର ଏମ୍.ଅଶୋକ ସ୍ଥାନୀୟ ମା’ ମଝିଘରିଆଣୀ ମନ୍ଦିର ନିକଟରେ ଓ ଜିସିଡି ପଡିଆରେ ଶୌଚାଳୟ ନିର୍ମାଣ କରୁଥିଲେ। ତାଙ୍କର ୪ଲକ୍ଷ ୭୦ହଜାର ଟଙ୍କା ବାବଦ ରନିଂ ବିଲ୍ ପାସ କରିଦେବା ପାଇଁ ଯନ୍ତ୍ରୀ ବେହେରା ୫୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ତେବେ ଟଙ୍କା ନ ଦେଲେ ବିଲ୍ କରିବେ ନାହିଁ ବୋଲି କହିଥିଲେ। ଏନେଇ ଠିକାଦାର ରାୟଗଡା ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ କେମିକାଲ୍ ବୋଳା ୫୦ହଜାର ଟଙ୍କା ଠିକାଦାରଙ୍କ ହାତରେ ପଠାଇଥିଲେ। ଠିକାଦାର ଉକ୍ତ ଟଙ୍କାକୁ ଯନ୍ତ୍ରୀ ବେହେରାଙ୍କୁ ପୌର ପରିଷଦରେ ଥିବା ତାଙ୍କ କକ୍ଷରେ ଦେଇଥିଲେ। ହେଲେ ଭିଜିଲାନ୍ସ କର୍ମଚାରୀ ଆସୁଥିବା ସନ୍ଦେହ କରି ସଙ୍ଗେ ସଙ୍ଗେ ତାଜା ଉପରକୁ ଫିଙ୍ଗି ଦେଇଥିଲେ। ଏହି ସମୟରେ ଭିଜିଲାନ୍ସ କର୍ମଚାରୀମାନେ ଚଢ଼ାଉ କରିଥିଲେ। ତାଙ୍କ ହାତରେ କେମିକାଲ ଲାଗିଥିବା ଦେଖିବାକୁ ପାଇଥିଲେ। ହେଲେ ଟଙ୍କା କେଉଁଠି ଲୁଚାଇ ରଖିଥିଲେ ତାହା ଜଣାପଡି ନ ଥିଲା। ଦୀର୍ଘ ଘଣ୍ଟା ଧରି କାର୍ଯ୍ୟାଳୟ ପରିସରରେ ଥିବା ସମସ୍ତ କୋଠରି ଭିଜିଲାନ୍ସ ଅଧିକାରୀମାନେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଏହାପରେ କନିଷ୍ଠଯନ୍ତ୍ରୀଙ୍କୁ ଗିରଫ କରି ଭିଜିଲାନ୍ସ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଡିଏସ୍‌ପି ବିଶ୍ୱାଳ, ଜୟପୁର ଡିଏସ୍‌ପି ହେନେରି କୁଲୁ, ଇନ୍ସପେକ୍ଟର କଳାବତୀ ବାଗ ଓ ବି.ରୁଦ୍ରେୟାଙ୍କ ସମେତ ଅନ୍ୟ ଭିଜିଲାନ୍ସ କର୍ମଚାରୀମାନେ ରାତି ପ୍ରାୟ ୧୨ଟାରେ ପହଞ୍ଚି ତନ୍ନ ତନ୍ନ କରି ଯାଞ୍ଚ କରିଥିଲେ। ପରେ ଉକ୍ତ ଟଙ୍କାକୁ କନିଷ୍ଠଯନ୍ତ୍ରୀଙ୍କ କକ୍ଷର ତଳେ ଥିବା କୋଠରି ତାଜାରୁ ଜବତ କରିଥିଲେ।

# ଶିକ୍ଷକ ସଂଘର ବିଇଓଙ୍କୁ ଦାବିପତ୍ର

**କୋଲନରା, ୭।୧୦(ଡି.ଏନ୍.ଏ)**

ବିଭିନ୍ନ ଦାବି ନେଇ ରାୟଗଡା ଜିଲା କୋଲନରା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଶନିବାର ଏକ ଦାବିପତ୍ର କୋଲନରା ଗୋଷ୍ଠୀ ଶିକ୍ଷାଧିକାରୀ ଏମ୍.ଖଗେଶ୍ୱର ରାଓଙ୍କୁ ପ୍ରଦାନ କରାଯାଇଛି। ସଂଘ ସଭାପତି ତ୍ରିନାଥ ପାଢ଼ୀଙ୍କ ନେତୃତ୍ୱରେ ଶିକ୍ଷକମାନେ ବିଇଓଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଶିକ୍ଷା ଅଧିକାର ଆଇନ୍ ୨୦୦୯ ଅନୁଯାୟୀ ନିର୍ବାଚନ ସମ୍ବନ୍ଧୀୟ ବିପର୍ଯ୍ୟୟ ପରିଚାଳନା ଓ ଜନଗଣନା କାର୍ଯ୍ୟ ବ୍ୟତୀତ ଅନ୍ୟ କୌଣସି ଅଣଶୈକ୍ଷିକ କାର୍ଯ୍ୟରେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିୟୋଜିତ କରାଯିବାର ନିୟମ ନାହିଁ। ଯେଉଁଥି ପାଇଁ ଗତ ଦିନରେ ସଇନ୍ତଳା ବ୍ଲକ୍ ଅନ୍ତର୍ଗତ କୁନସର ପ୍ରାଥମିକ ବିଦ୍ୟାଳୟରେ କୃମି ଔଷଧ ଖାଇ ୫୦ରୁ ଅଧିକ ଛାତ୍ରୀଛାତ୍ର ଅସୁସ୍ଥ ହୋଇଥିଲେ। ପରେ ଗ୍ରାମବାସୀ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଭୁଲ ଦର୍ଶାଇ ମାଡ ମାରିବାରୁ ଶେଷରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ଶିକ୍ଷକ ସଂଘ ଦୃଢ଼ ନିନ୍ଦା କରିବା ସହ ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ଦାବି କରାଯାଇଛି। ୨୦୧୫ ମସିହାରୁ ଜିଲାରେ ଆର୍‌ଏସିପି ଲାଗୁ ହୋଇଥିଲେ ମଧ୍ୟ ଏଯାଏଁ ବହୁ ଶିକ୍ଷକ ଆର୍‌ଏସିପି ଏରିଅର ପାଇବାରୁ ବଞ୍ଚିତ ଅଛନ୍ତି। ଏଥିପାଇଁ ସରକାରଙ୍କ ତରଫରୁ ଆଲଟ୍‌ମେଣ୍ଟ ଆସି ଫେରିଗଲାଣି। ତୁରନ୍ତ ଏଥିପ୍ରତି ଧ୍ୟାନ ଦେଇ ସମାଧାନ କରିବା ସହିତ ସପ୍ତମ ବେତନ କମିଶନ ହିସାବରେ ଯୋଗ୍ୟ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ତୁରନ୍ତ ଏମ୍‌ଏସିପି କାର୍ଯ୍ୟକାରୀ କରିବା, ବିଦ୍ୟାଳୟଗୁଡିକୁ ମଧ୍ୟାହ୍ନଭୋଜନ ପାଇଁ ଆସୁଥିବା ଚାଉଳକୁ ଠିକ୍ ଭାବେ ଓଜନ କରି ପ୍ରଦାନ କରିବା ପାଇଁ ଦାବି କରାଯାଇଛି। ତୁରନ୍ତ ଏ ଦିଗରେ ଗୋଷ୍ଠୀ ଶିକ୍ଷାଧିକାରୀ ବିହିତ ପଦକ୍ଷେପ ନେବାପାଇଁ ସଂଘ ଦାବି କରିଛି। ରାଜ୍ୟ ସରକାର ଶିକ୍ଷକମାନଙ୍କୁ କୃମି ଔଷଧ ବଣ୍ଟନ, ଜାତି ପ୍ରମାଣ ପତ୍ର, ଆଧାରକାର୍ଡ ସମ୍ପର୍କିତ ବିବରଣୀ ପ୍ରଦାନ, ମଧ୍ୟାହ୍ନଭୋଜନ ପରିଚାଳନା, କୋଠା ନିର୍ମାଣ କାର୍ଯ୍ୟ ଭଳି ଦାୟିତ୍ୱରୁ ବିରତି କରିବା ପାଇଁ ଜଣାଇଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ଶିକ୍ଷକ ସଂଘ ସଭାପତି ତ୍ରିନାଥ ପାଢ଼ୀ, ଶିବରାମ ମହାଙ୍କୁଡ, ଦୀପକ କୁମାର ସାହୁ, ବାଳକୃଷ୍ଣ ସାହୁ, ଦୁର୍ଗା ସାହୁ, ମହେନ୍ଦ୍ର ଚିନ୍ତଡା, ମୁରଲୀଧର ଚିନ୍ତଡା, ପ୍ରଦୀପ ନାୟକ, ଉଦୟନାଥ ଖୋସ୍ଲାଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

## ଧାନଜମିରେ ପୋକ, ଚିନ୍ତାରେ ଚାଷୀ

**ଟିକିରି,୭।୧୦(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା କାଶିପୁର ବ୍ଲକ ଟିକିରି ଓ ସୋରିଷପଦର ଅଞ୍ଚଳରେ ଥିବା ଧାନ କିଆରିରେ ପୋକ ଲାଗିଛନ୍ତି। ଫଳରେ ଚାଷୀମାନେ ଚିନ୍ତିତ ହୋଇ ପଡ଼ିଛନ୍ତି। କେତେକ ଚାଷୀଙ୍କ ଧାନ ଜମିରେ ପତ୍ରପୋଡ଼ା ଓ ଗୁଣ୍ଡି ପୋକ ଦେଖାଦେଇଥିବା ବିଦ୍ୟାଧର ନାୟକ, ସୁବାସ ଖୋଡ଼ିଆ, ବାସୁଦେବ ତ୍ରାକି, ବିଶ୍ୱନାଥ ପୂଜାରୀ, ନରସିଂହ ଷଡ଼ଙ୍ଗୀ ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି। ଚାଷୀମାନେ ହାଇବ୍ରିଡ଼ ଧାନ ଚାଷ କରୁଥିବାରୁ ପୋକ ଲାଗୁଥିବା ଜଣାଯାଇଛି। ବିଭାଗୀୟ କୃଷି ଅଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି।

## ■ ଶିକରପାଇରେ ବାଲିଯାତ୍ରା

# ଝାମୁ ନିଆଁରେ ଚାଲିଲେ ପୂଜକ




ପୂଜକ କଣ୍ଟା ଦୋଳିରେ ବସିଛନ୍ତି।

**କଲ୍ୟାଣସିଂହପୁର, ୭।୧୦ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ଶିକରପାଇ ଗ୍ରାମଠାରେ ରବିବାର ପ୍ରସିଦ୍ଧ ବାଲିଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯାତ୍ରାର ୩ ଦିନ ପୂର୍ବରୁ ଶୁଭ ମୁହୂର୍ତ୍ତରେ ନଦୀରୁ ବାଲି ସଂଗ୍ରହ କରାଯାଇଥିଲା। ସେଥିରେ ଗ୍ରାମର ଶୁଭ ମନାସି ବିହନ ବୁଣାଯାଇଥିଲା। ଗ୍ରାମରେ ଛତ୍ର ବୁଲିଥିଲା। ଲୋକେ ମାନସିକ କରି ଛତ୍ରରେ ଛତା କନା ବାନ୍ଧିଥିଲେ ଓ ଛେଳିକୁ ବଳି ଦେଇଥିଲେ। ଛତ୍ର ବୁଲିବାର ୨ ଦିନ ପରେ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଗାଁର ନାଏକ ଘରୁ କଣ୍ଟା ଦୋଳି ଏବଂ ପୋଢ଼ ବଳି ନିମନ୍ତେ ଆସିଥିଲା। ପୂଜକ ରାଉତ ଗାଣ୍ଡା, ରୋହିଦାସ ନାଗବଂଶ, ଖଗେଶ୍ୱର ଖଣ୍ଡରିଆ ମୁଣ୍ଡରେ ଦୋଳି ଧରି ଖଣ୍ଡାଧରି ଭୈରବ ମନ୍ଦିରକୁ ଆସିଥିଲେ। କଣ୍ଟା ଦୋଳିରେ ପୂଜକ ରାଉତ ଗାଣ୍ଡା ଓ ନାୟକ ଘରର ମୁଖ୍ୟ ସତ୍ୟବାଦୀ ନାୟକ ଝୁଲିଥିଲେ। ତା ପରେ ପୂଜକ ଝାମୁ ନିଆଁରେ ଚାଲିଥିଲେ। ଶେଷରେ ପୋଢ଼ ବଳି ଦିଆଯାଇଥିଲା। ଯାତ୍ରାରେ ୧୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ନିମନ୍ତେ କଲ୍ୟାଣସିଂହପୁର ଥାନା ତରଫରୁ ଇନ୍ସପେକ୍ଟର ଦୀପ୍ତି ସାହୁ, କୁନି ଶବର ଓ ୧ ପ୍ଲାଟୁନ୍ ପୋଲିସ ନିୟୋଜିତ ହୋଇଥିଲେ। ବସଷ୍ଟାଣ୍ଡରେ ମଧ୍ୟ ପୋଲିସକୁ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ନାକେଦମ ହେବାକୁ ପଡିଥିଲା। ଯାତ୍ରାରେ ଗ୍ରାମବାସୀ ସହଯୋଗ କରିଥିଲେ।



ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

# ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା

**ରାୟଗଡା ଅଫିସ୍, ୭।୧୦**

ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ରାଜ୍ୟ ଶିଶୁ ମଙ୍ଗଳ ପରିଷଦ ଆନୁକୂଲ୍ୟରେ ଜିଲା ଶିଶୁ ସୁରକ୍ଷା ୟୁନିଟ ଦ୍ୱାରା ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜାତୀୟସ୍ତରର ପ୍ରତିଯୋଗୀତା ପାଇଁ ଜିଲାସ୍ତରରେ ୫ବର୍ଷରୁ ୧୮ବର୍ଷ ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ମନୋନୀତ କରାଯାଇଥିଲା। ଏଥିରେ ମୋଟ ୮୭ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଜିଲାପାଳ ଗୁହା ପୁନମ ତାପସ କୁମାର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଡିପିସି ଆନାସ୍ତେଶିୟା କେରକେଟାଙ୍କ ସମେତ ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ।

# ବରିଷ୍ଠ ନାଗରିକଙ୍କ ନିମନ୍ତେ ଉଦ୍ଦିଷ୍ଟ ଆଇନ ଉପରେ ଆଲୋଚନା

**ରାୟଗଡା ଅଫିସ୍, ୭।୧୦**

ଜିଲା ଆଇନ୍‌ସେବା ପ୍ରାଧିକରଣ ତରଫରୁ ଶନିବାର ବରିଷ୍ଠ ନାଗରିକମାନଙ୍କ ପାଇଁ ଜିଲା ବରିଷ୍ଠ ନାଗରିକ ଗୋଷ୍ଠୀ କେନ୍ଦ୍ରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡା ଅଦାଲତର ରେଜିଷ୍ଟ୍ରାର ସୁନନ୍ଦା ପାଢ଼ୀ, ବରିଷ୍ଠ ଦେୱାନୀ ବିଚାରପତି ରୁଦ୍ରପ୍ରସାଦ ମହାପାତ୍ର, ବରିଷ୍ଠ ଦେୱାନୀ ବିଚାରପତି ଓ ଡି.ଏଲ୍.ଏସ୍.ଏ ସମ୍ପାଦକ ହୃଷୀକେଶ ସାହୁ, ଉପଖଣ୍ଡ ବିଚାରପତି ସୁଚରିତା ମହାନ୍ତି, ନ୍ୟାୟାଧିକାରୀ ବୈଶାଳୀ ନାୟକ, ଡିଏସ୍‌ଏସ୍‌ଓ ଆଦିପତି କହଁର, ଡିଏସ୍‌ପି, ବରିଷ୍ଠ ନାଗରିକ ସଂଘର ସଭାପତି ବିନୋଦ ଚନ୍ଦ୍ର ପଣ୍ଡାଙ୍କ ସମେତ ବରିଷ୍ଠ ନାଗରିକମାନେ ଯୋଗ ଦେଇଥିଲେ। ଏଥିରେ ନୂତନ ପୀଢ଼ିମାନଙ୍କର ନୈତିକତା ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ନାଗରିକଙ୍କ ନିମନ୍ତେ ଉଦ୍ଦିଷ୍ଟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ସଚେତନ କରାଯାଇଥିଲା। ସଂଘ ସଭାପତି ପଣ୍ଡା ସରକାରଙ୍କ ବିଭିନ୍ନ ଯୋଜନାକୁ କଟାକ୍ଷ କରିଥିବା ବେଳେ ରୁଦ୍ରପ୍ରସାଦ ମହାପାତ୍ର ଓ ଅନ୍ୟ ବିଚାରପତିମାନେ ବରିଷ୍ଠ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ ଉପରେ ଆଲୋକପାତ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ବ୍ଲକର ବିକାଶ ନେଇ ଏକାଠି ହେଲେ ଗାଁ ମୁଖିଆ

**କାଶୀପୁର,୭।୧୦(ଡ଼ି.ଏନ.ଏ)**

ରାୟଗଡା ଜିଲା କାଶୀପୁର ବ୍ଲକର ପରଜାଶିଳା ଠାରେ ବିଭିନ୍ନ ପଞ୍ଚାୟତର ମୁଖିଆମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କାଶୀପୁରର ବିକାଶ ନେଇ ଆଲୋଚନା ହୋଇଥିଲା। ବ୍ଲକରେ ସରକାରଙ୍କ ତରଫରୁ ହେଉଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଠିକ୍ ଭାବେ ହେଉ ନ ଥିବା ଅଭିଯୋଗ ହୋଇଥିଲା। ଏଥିନିମନ୍ତେ ଗ୍ରାମର ମୁଖିଆମାନେ ପ୍ରତ୍ୟେକ ପଞ୍ଚାୟତର ଲୋକଙ୍କ ପାଖରେ ପହଁଞ୍ଚିବାକୁ ହେବ ବୋଲି କୃଷ୍ଣ ମହାପାତ୍ର କହିଥିଲେ। ଗ୍ରାମବାସୀ ସମସ୍ତେ ଏକ ହୋଇ ରହିଲେ ବ୍ଲକର ବିକାଶ ହେବ। ଏହି ଶପଥ ନେଇ ଆଗକୁ ଯାଇପାରିବା ବୋଲି ବୈଠକରେ ଆଲୋଚନା ହୋଇଥିଲା। ଲୋକମାନେ କିପରି କାର୍ଯ୍ୟ କରିବେ ଏବଂ ଟଙ୍କା ସଞ୍ଚୟ କରିପାରିବେ ସେନେଇ ମଧ୍ୟ ଆଗାମୀ ଦିନରେ ଲୋକଙ୍କୁ ସଚେତନ କରାଯିବ। ଏନେଇ ଏକ କମିଟି ଗଠନ କରାଯାଇ ତାଲିମ ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ଏହି ବୈଠକ ଗତ ୫ତାରିଖରେ ସୁଙ୍ଗେର ପଞ୍ଚାୟତରୁ ଆରମ୍ଭ ହୋଇଥିଲା। ପ୍ରତ୍ୟେକ ଦିନ ଗୋଟିଏ ପଞ୍ଚାୟତକୁ ଯାଇ ବୈଠକ କରି ଲୋକଙ୍କୁ ସଚେତନ କରାଯାଉଛି। ବୈଠକରେ କଂଗ୍ରେସର ପୂର୍ବତନ ବ୍ଲକ ଅଧ୍ୟକ୍ଷା ଉଜ୍ଜ୍ୱଳଦଇ ମାଝି ଯୋଗ ଦେଇ ଏହି କାର୍ଯ୍ୟକୁ ଯଦି କୌଣସି ଲୋକ ବିରୋଧ କରନ୍ତି ତାହାହେଲେ ଆମେ ସମସ୍ତେ ଉକ୍ତ ବ୍ୟକ୍ତିଙ୍କ ଘରେ ବସିବା ବୋଲି କହିଥିଲେ। ଏହାକୁ ସମସ୍ତେ ସମର୍ଥନ କରିଥିଲେ। ପଞ୍ଚାୟତସ୍ତରୀୟ ବୈଠକ ଶେଷ ହେବା ପରେ କାଶୀପୁର ବ୍ଲକର ଉନ୍ନତି ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରାଯିବ।



ବୈଠକରେ ମୁଖିଆମାନେ ଆଲୋଚନା କରୁଛନ୍ତି।